# ଅଧ୍ୟାୟ 2

## କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ

# ଅଧ୍ୟାୟ 2

# କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ


## 2.1 ଉପକ୍ରମ

ସମ୍ବିଧାନର ଧାରା, 280 ଅନୁଯାୟୀ , ରାଷ୍ଟ୍ରପତି ଚତୁର୍ଦ୍ଦଶ ଅର୍ଥ  କମିଶନ (2015-20) ଗଠନ କରିଥିଲେ । ଏହି କମିଶନ ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅନୁଦାନ ସହାୟତା ପାଇଁ ଦୁଇ ପ୍ରକାର ଯଥା (i) ଏକ ମୌଳିକ  ଅନୁଦାନ ଏବଂ (ii) ଏକ କାର୍ଯ୍ୟ ସଂପାଦନ ଅନୁଦାନରେ ପ୍ରଦାନ କରିଥାନ୍ତି । ଏହି ଅନୁଦାନକୁ ମୌଳିକ ନାଗରିକ ସେବା ପ୍ରଦାନରେ ବିନିଯୋଗ  କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ଯେଉଁଥିରେ  ଜଳ ଯୋଗାଣ, ପରିମଳ, ସ୍ୱେରେଜ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ, ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ, ରାସ୍ତାଘାଟର ରକ୍ଷଣାବେକ୍ଷଣ, ପାଦଚଲା ରାସ୍ତା, ରାସ୍ତାଘାଟ ଆଲୋକି କରଣ, ଶ୍ମଶାନ ଓ ଶ୍ମଶାନ ଘାଟର ରକ୍ଷଣାବେକ୍ଷଣ ସାମିଲ ଥିଲା । ରାଜ୍ୟଗୁଡିକୁ ପାଞ୍ଚ ବର୍ଷ ପାଇଁ ମୌଳିକ ଅନୁଦାନ ପ୍ରଦାନ କରାଯାଇଥିବାବେଳେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦକ୍ଷତା ପାରାମିଟର ପୂରଣ ଆଧାରରେ 2016-17 ଆର୍ଥିକ ବର୍ଷରୁ କାର୍ଯ୍ୟ ସଂପାଦନ ଅନୁଦାନ ପ୍ରଦାନ କରାଯାଇଛି । ସେହିପରି, ପଞ୍ଚଦଶ ଅର୍ଥ ଆୟୋଗ[5], 40 ପ୍ରତିଶତ ମିଳିତ ଅନୁଦାନ ଏବଂ  60 ପ୍ରତିଶତ ଅନୁଦାନ ସହ (କ) ପରିମଳ ବ୍ୟବସ୍ଥା ଏବଂ ଖୋଲାରେ ମଳତ୍ୟାଗ ମୁକ୍ତ (ଓଡିଏଫ୍) ସ୍ଥିତିର ରକ୍ଷଣାବେକ୍ଷଣ (ଖ) ପାନୀୟ ଜଳ ଯୋଗାଣ, ବର୍ଷାଜଳ ସଂରକ୍ଷଣ ଓ ଜଳ ପୁନଃଚକ୍ରଣକୁ ଆବଦ୍ଧ କରିବାକୁ ସୁପାରିଶ କରିଥିଲେ ।

## 2.2 ପାଣ୍ଠି ପ୍ରବାହ

ଭାରତ ସରକାର (ଜିଓଆଇ) ରାଜ୍ୟ ସରକାରମାନଙ୍କୁ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ ଅନୁଦାନ ପ୍ରଦାନ କରିଥିଲେ । ତଦନୁଯାୟୀ, ରାଜ୍ୟ ସରକାର ଗୁଡିକ ସ୍ଥାନୀୟ ନିକାୟ ସଂସ୍ଥା (ଏଲବି), ଅର୍ଥାତ୍ ପଞ୍ଚାୟତିରାଜ ସଂସ୍ଥା (ପିଆରଆଇ) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା  (ୟୁଏଲବି) ପାଇଁ ଉଦ୍ଦିଷ୍ଟ ଅନୁଦାନ ପ୍ରଦାନ କରିଥିଲେ । ଓଡ଼ିଶାର ପଞ୍ଚାୟତିରାଜ ସଂସ୍ଥାର ଅର୍ଥ ବ୍ୟବସ୍ଥାର କେନ୍ଦ୍ରୀୟ ଅର୍ଥ ଅନୁଦାନର ପ୍ରବାହ ଚିତ୍ର, **ଚାର୍ଟ 2.1** ରେ ଦର୍ଶାଯାଇଛି ।

*ଚାର୍ଟ 2.1: କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ପ୍ରବାହ*




[5] 2020-21 ଆର୍ଥିକ ବର୍ଷ ପାଇଁ ଅନଟାଏଡ୍ ଅନୁଦାନ ଏବଂ ଟାଏଡ୍ ଅନୁଦାନର ଅନୁପାତ 50 ପ୍ରତିଶତ ଥିଲା

ଅଡିଟ୍ ଦ୍ୱାରା 2017-18 ରୁ 2021-22 ଆର୍ଥିକ ବର୍ଷକୁ ନେଇ ସାତଟି ଜିଲ୍ଲା ପରିଷଦ (ଜେଡପି), 21ଟି ପଞ୍ଚାୟତର ସମିତି (ପିଏସ) ଏବଂ 63 ଟି ଗ୍ରାମ ପଞ୍ଚାୟତର ରେକର୍ଡ ଯାଞ୍ଚ କରାଯାଇଥିଲା, ଯାହା ***ପରିଶିଷ୍ଟ- 2.1*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରେ ଉପଯୋଗରେ ଯାହା ତ୍ରୁଟି ପରିଲକ୍ଷିତ ହୋଇଛି ତାହା ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଛି ।

### *2.2.1 ରାଜ୍ୟ ଦ୍ୱାରା ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ପ୍ରାପ୍ତି ଓ ପ୍ରଦାନ*

2017-22 ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଆକାରରେ ରାଜ୍ୟ 9,81**0.09** କୋଟି ଟଙ୍କା ଭାରତ ସରକାରଙ୍କ ଠାରୁ ପ୍ରାପ୍ତ କରିଥିଲା ଏବଂ 9,810.09 କୋଟି ଟଙ୍କା ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିଥିଲା, ଯାହା ବିସ୍ତୃତ ଭାବରେ **ସାରଣୀ 2.1** ରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.1: 2017-22 ମଧ୍ୟରେ ରାଜ୍ୟ ଦ୍ୱାରା ପାଣ୍ଠିର ପ୍ରାପ୍ତି ଓ ପ୍ରଦାନ***

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ପ୍ରାପ୍ତି | ପ୍ରଦାନ |
|---|---|---|
| 2017-18 | 1,725.11 | 1,725.11 |
| 2018-19 | 1,768.44 | 1,768.44 |
| 2019-20 | 2,389.54 | 2,389.54 |
| 2020-21 | 2,258.00 | 2,258.00 |
| 2021-22 | 1,669.00 | 1,669.00 |
| ମୋଟ | **9,810.09** | **9,810.09** |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

2017-22 ଆର୍ଥିକ ବର୍ଷରେ ନମୁନା ଯାଞ୍ଚ ହୋଇଥିବା ୟୁନିଟ୍‌ରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ପାଖରେ ଉପଲବ୍ଧ ଥିବା 325.14 କୋଟି ଟଙ୍କା ଥିଲା ଏବଂ 216.36 କୋଟି ଟଙ୍କା (ପ୍ରାରମ୍ଭିକ ଜମା: 17.44 କୋଟି ଟଙ୍କା ଏବଂ ପ୍ରାପ୍ତି: 307.70 କୋଟି ଟଙ୍କା)ଖର୍ଚ୍ଚ ହୋଇଥିଲା, ଯାହା **ସାରଣୀ 2.2** ରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.2: ନମୁନା ଯାଞ୍ଚ ହୋଇଥିବା ପିଆର୍‌ଆଇରେ ପାଣ୍ଠିର ପ୍ରାପ୍ତି ଓ ଖର୍ଚ୍ଚ***

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | ମୋଟ | ବ୍ୟୟ (ପ୍ରତିଶତ) | ଶେଷ ଜମା |
|---|---|---|---|---|---|
| 2017-18 | 17.44 | 19.22 | 36.66 | 15.79 *(43)* | 20.87 |
| 2018-19 | 20.87 | 20.60 | 41.47 | 22.40 *(54)* | 19.07 |
| 2019-20 | 19.07 | 29.39 | 48.46 | 22.01*(45)* | 26.45 |
| 2020-21 | 26.45 | 117.71 | 144.16 | 49.77 *(35)* | 94.39 |
| 2021-22 | 94.39 | 120.78 | 215.17 | 106.39 *(49)* | 108.78 |
| ମୋଟ | | **307.70** | | **216.36** | |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

ଏହି ପାଞ୍ଚ ବର୍ଷରେ ବ୍ୟୟର ପରିମାଣ 35 ରୁ 54 ପ୍ରତିଶତ ମଧ୍ୟରେ ଥିଲା । ପ୍ରକଳ୍ପର ଚୂଡ଼ାନ୍ତକରଣରେ ବିଳମ୍ବ, ପ୍ରକଳ୍ପ ପାଇଁ ସ୍ଥାନ ଚୟନ ଏବଂ କାର୍ଯ୍ୟ ନିଷ୍ପାଦନ କରିବାରେ ବିଳମ୍ବ ହେତୁ ପାଣ୍ଠିର ସ୍ୱଳ୍ପ ଉପଯୋଗିତା ହୋଇଥିଲା ।

## 2.3 ଯୋଜନା

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁଯାୟୀ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନର ବିନିଯୋଗ ନିମନ୍ତେ, ପ୍ରତ୍ୟେକ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଆବଶ୍ୟକତା ଆଧାରରେ, ପାଞ୍ଚ-ବର୍ଷିଆ ପର୍ସ୍ପେକ୍ଟିଭ୍ ଯୋଜନା ଓ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ପ୍ରକଳ୍ପ ହାତକୁ ନେବା ପାଇଁ କ୍ଷମତା ପ୍ରଦାନ କରାଯାଥିଲା । ଦୀର୍ଘମିଆଦୀ ପ୍ରାଥମିକତା ଏବଂ ତୁରନ୍ତ ପ୍ରାଥମିକତାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ଏବଂ ରାସ୍ତା ଆଲୋକୀକରଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ସହିତ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ପ୍ରସ୍ତୁତ କରାଯିବା ପାଇଁ ଏବଂ ଏହାକୁ ପୂର୍ବ ବର୍ଷର ଫେବୃଆରୀ 28 ତାରିଖ ସୁଦ୍ଧା ଚୂଡ଼ାନ୍ତ କରିବା ଆବଶ୍ୟକ ଥିଲା । ସେହିପରି ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି

କରାଯାଇଥିବା ମାର୍ଗଦର୍ଶିକା (ମଇ 2021) ଅନୁଯାୟୀ ପଞ୍ଚଦଶ ଅର୍ଥ ଆୟୋଗ ପାଇଁ ମଧ ଏଏପି ପ୍ରସ୍ତୁତ ହେବା କଥା ।

ଏହାଛଡ଼ା, ପିଆର୍ଏବଂ ଡିଡବ୍ଲ୍ୟୁ ବିଭାଗର ନିର୍ଦ୍ଦେଶ (ଅକ୍ଟୋବର 2015) ଅନୁସାରେ ଗ୍ରାମ ପଞ୍ଚାୟତର ଏଏପିକୁ ସଂପୃକ୍ତ ବିଡିଓଙ୍କ ଦ୍ୱାରା ଯାଞ୍ଚ କରାଯାଇ ମାର୍ଗଦର୍ଶିକା ପାଳନକୁ ସୁନିଶ୍ଚିତ କରାଯିବ । ଯଦି ବିଡିଓ ଉପଲବ୍ଧି କରିବେ ଯେ, ଯୋଜନା ମାର୍ଗଦର୍ଶିକା ଅନୁସାରେ ହୋଇଛି, ତେବେ ସେ ଏଏପି ଉପରେ କାର୍ଯ୍ୟ କରିବାକୁ ଗ୍ରାମ ପଞ୍ଚାୟତକୁ ଜଣାଇବେ ।

ଅଡିଟ୍‌ରେ ଯୋଜନା ସଂପର୍କିତ ଚୟନ ହୋଇଥିବା 63 ଟି ଗ୍ରାମ ପଞ୍ଚାୟତର ରେକର୍ଡ ଯାଞ୍ଚ କରି ନିମ୍ନୋକ୍ତ ତ୍ରୁଟି ପରିଲକ୍ଷିତ ହୋଇଥିଲା:

- କୌଣସି ଗୋଟିଏ ହେଲେ ଗ୍ରାମ ପଞ୍ଚାୟତ ପଞ୍ଚବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିନଥିଲେ ।
- ପାନୀୟ ଜଳ, ପରିମଳ, ରାସ୍ତାଘାଟ ଅଲୋକୀକରଣ ଓ ବର୍ଜ୍ୟବସ୍ତୁ ପରିଚାଳନା ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଅଗ୍ରାଧିକାର ନଦେଇ ଗ୍ରାମ ପଞ୍ଚାୟତ ଗୁଡ଼ିକ ଏଏପି ପ୍ରସ୍ତୁତ କରିଥିଲେ । ଏହା ବଦଳରେ, ମୁଖ୍ୟତଃ ରାସ୍ତା ନିର୍ମାଣ, କମ୍ୟୁନିଟି ସେଣ୍ଟର, ଗାଧୋଇବା ଘାଟ ଆଦି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିଲା ।
- ଗ୍ରାମ ପଞ୍ଚାୟତ ଦ୍ୱାରା ପ୍ରସ୍ତୁତ ଏଏପିକୁ ବିଡିଓମାନେ ଆବଶ୍ୟକୀୟ ତନଖି ଓ ଯାଞ୍ଚ କରିନଥିଲେ । ଫଳସ୍ୱରୂପ, ଅନୁପଯୋଗୀ ପ୍ରକଳ୍ପଗୁଡ଼ିକୁ ଏଥିରେ ସାମିଲ୍ କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) କହିଥିଲେ (ଅଗଷ୍ଟ 2022) ଯେ, ଭବିଷ୍ୟତରେ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଏପି ପ୍ରସ୍ତୁତ କରାଯିବ ।

***ସୁପାରିଶ :***

***1. ମୌଳିକ ନାଗରିକ ସେବା, ଯଥା:- ପିଇବା ପାଣି, ପରିମଳ ବ୍ୟବସ୍ଥା ଓ ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦିକୁ ପ୍ରାଥମିକତା ଦେଇ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇପାରେ ।***

## 2.4 ପାଣ୍ଠି ପରିଚାଳନା

### *2.4.1 ପଞ୍ଚାୟତିରାଜ ଅନୁଷ୍ଠାନକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନରେ ବିଳମ୍ବ*

ପଞ୍ଚଦଶ ଅର୍ଥ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରିବା ଲାଗି କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ , ପ୍ରତି କିସ୍ତିରେ ମିଳୁଥିବା ଅନୁଦାନ, କେନ୍ଦ୍ର ସରକାରଙ୍କ ଠାରୁ ଏହାର ପ୍ରାପ୍ତିର 10 ଟି କାର୍ଯ୍ୟ ଦିବସ ମଧରେ, ରାଜ୍ୟ ଦ୍ୱାରା ବଣ୍ଟନ କରାଯିବାର ଆବଶ୍ୟକତା ଥିଲା । 10 ଟି କାର୍ଯ୍ୟ ଦିବସରୁ ଅଧିକ ବିଳମ୍ବ ହେଲେ, ପୂର୍ବ ବର୍ଷର ବଜାର ଋଣ /ରାଜ୍ୟ ବିକାଶ ଋଣ ଉପରେ ହାରାହାରି ସୁଧ ହାର ଅନୁଯାୟୀ ରାଜ୍ୟ ସରକାରଙ୍କୁ ଉପରୋକ୍ତ କିସ୍ତିକୁ ସୁଧ ସହିତ ପ୍ରଦାନ କରିବାକୁ ପଡିବ ।

2020-21 ଆର୍ଥିକ ବର୍ଷରେ ଜିଓଓ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ବିଭିନ୍ନ ସ୍ତରରେ ବଣ୍ଟନ କରିବା ପାଇଁ ଉଭୟ ଟାଏଡ ଓ ଅନଟାଏଡ ଅନୁଦାନ ବାବଦରେ ପ୍ରଥମ ଓ ଦ୍ୱିତୀୟ କିସ୍ତିର 2,258 କୋଟି ଟଙ୍କା ପଞ୍ଚଦଶ ଅର୍ଥ କମିଶନ ଅଧିନରେ ପ୍ରାପ୍ତ କରିଥିଲା । ତେବେ ବିଭାଗ ପକ୍ଷରୁ ପ୍ରଥମ ଓ ଦ୍ୱିତୀୟ କିସ୍ତିର ଅନଟାଏଡ୍ ଗ୍ରାଣ୍ଟ ଓ ପ୍ରଥମ କିସ୍ତିର ଟାଏଡ ଗ୍ରାଣ୍ଟ 51 ଦିନ ବିଳମ୍ବରେ ବଣ୍ଟନ କରାଯାଇଥିଲା । ବିଭାଗ ପକ୍ଷରୁ ଦେୟ ଦେଉଥିବା ୟୁନିଟ୍ ଗୁଡିକର ଭୁଲ/ ଅସ୍ତିତ୍ୱହୀନ ଆକାଉଣ୍ଟ ନମ୍ବର, ଅବୈଧ ଗ୍ରହଣକାରୀ ଆଇଏଫ୍ଏସ୍‌ସି କୋଡ୍, ଟାଇପୋଗ୍ରାଫିକାଲ୍ ତ୍ରୁଟି ଇତ୍ୟାଦିକୁ ବିଳମ୍ବ ପାଇଁ ଦାୟୀ କରିଛି । ଯେହେତୁ ମାର୍ଚ୍ଚ 2020 ସୁଦ୍ଧା ବଜାର ଋଣ ଉପରେ ହାରାହାରି ସୁଧହାର[6] ସାତ ପ୍ରତିଶତ ଥିଲା, ବିଭାଗକୁ ସୁଧ ପାଇଁ 26 ଲକ୍ଷ 58 ହଜାର ଟଙ୍କା ଦେବାକୁ ଥିଲା, ଯାହା ***ପରିଶିଷ୍ଟ 2.2*** ରେ ବର୍ଣ୍ଣନା କରାଯାଇଛି ।

ଏହି ବିଷୟରେ ବିଭାଗର ଉତ୍ତରକୁ ଅପେକ୍ଷା କରାଯାଇଛି (ଜୁଲାଇ 2024) ।

[6] ଓଡ଼ିଶାର ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ( ଫେବୃଆରୀ 2021) ସରକାରୀ ଋଣ ଉପରେ ଥିବା ଷ୍ଟାଟସ ପେପର

### *2.4.2 ଗ୍ରାମ ପଞ୍ଚାୟତ ଦ୍ୱାରା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ସଠିକ ବିନିଯୋଗ ନ ହେବା*

ଓଡିଶା ସାଧାରଣ ଆର୍ଥିକ ନିୟମାବଳୀ, 2002 ର ନିୟମ 171 (3) ଅନୁଯାୟୀ, ମଞ୍ଜୁରୀ ଜାରି ହେବାର ଏକ ବର୍ଷ ମଧ୍ୟରେ ପ୍ରଦାନ କରାଯାଇଥିବା ଅର୍ଥ ବିନିଯୋଗ କରାଯିବା କଥା । ଆହୁରି ମଧ୍ୟ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁସାରେ, ପ୍ରଥମ କିସ୍ତିରେ 14 ତମ ଅର୍ଥ ଆୟୋଗ ଅଧୀନରେ ଆବଣ୍ଟିତ ଅର୍ଥକୁ ବର୍ଷର 31 ଡିସେମ୍ବର ସୁଦ୍ଧା ଏବଂ ଦ୍ୱିତୀୟ କିସ୍ତିର ଆବଣ୍ଟିତ ଅର୍ଥକୁ ପରବର୍ତ୍ତୀ ବର୍ଷର 15 ଏପ୍ରିଲ ସୁଦ୍ଧା ବିନିଯୋଗ କରାଯିବା କଥା ।

2017-22 ଆର୍ଥିକ ବର୍ଷ ମଧ୍ୟରେ ସମସ୍ତ ପରୀକ୍ଷିତ ହୋଇଥିବାଗ୍ରାମ ପଞ୍ଚାୟତ ଦ୍ୱାରା ପାଣ୍ଠିର ପ୍ରାପ୍ତି ଏବଂ ଉପଯୋଗ ***ସାରଣୀ-2.3*** ରେ ସବିଶେଷ ଉଲ୍ଲେଖ କରାଯାଇଛି ।

***ସାରଣୀ 2.3: ପରୀକ୍ଷାମୂଳକ ଗ୍ରାମ ପଞ୍ଚାୟତ ଦ୍ୱାରା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନତ ପ୍ରାପ୍ତି ଏବଂ ଉପଯୋଗ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଅନ୍ୟାନ୍ୟ ପ୍ରାପ୍ତି[7] | ମୋଟ | ବ୍ୟୟ (ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2017-18 | 17.44 | 17.86 | 1.36 | 36.66 | 15.79 *(43)* | 20.87 |
| 2018-19 | 20.87 | 19.61 | 0.99 | 41.47 | 22.40 *(54)* | 19.07 |
| 2019-20 | 19.07 | 28.29 | 1.10 | 48.46 | 22.01*(45)* | 26.45 |
| 2020-21 | 26.45 | 17.82 | 1.50 | 45.77 | 23.13 *(51)* | 22.64 |
| 2021-22 | 22.64 | 11.59 | 1.07 | 35.30 | 16.80 *(48)* | 18.50 |

***ଉତ୍ସ: ସଂପୃକ୍ତ ପଞ୍ଚାୟତ ସମିତିର ରେକର୍ଡ***

**ସାରଣୀ 2.3** ରୁ ସ୍ପଷ୍ଟ ହେଉଛି ଯେ, 2017-22 ଆର୍ଥିକ ବର୍ଷରେ ଗ୍ରାମ ପଞ୍ଚାୟତ ଗୁଡିକର ବର୍ଷ ଭିତ୍ତିକ ଖର୍ଚ୍ଚ ଦକ୍ଷତା 43 ରୁ 54 ପ୍ରତିଶତ ମଧ୍ୟରେ ରହିଥିଲା । ପ୍ରକଳ୍ପର ଚୁଡାନ୍ତ ରୂପାୟନ, ସ୍ଥାନ ଚୟନ ଓ ପ୍ରକଳ୍ପର କାର୍ଯ୍ୟକାରିତାରେ ବିଳମ୍ବ ଯୋଗୁଁ ଅର୍ଥର ସଠିକ୍ ବିନିଯୋଗ ହୋଇପାରିନଥିଲା ।

ଏହି ଗ୍ରାମ ପଞ୍ଚାୟତ ଗୁଡିକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ମାନେ କହିଥିଲେ (ଅଗଷ୍ଟ 2022) ଯେ, ସେମାନେ ଅବ୍ୟବହୃତ ଅର୍ଥକୁ ବିନିଯୋଗ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବେ ।

### *2.4. ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଦ୍ୱାରା 15ତମ ଆର୍ଥିକ ଆୟୋଗ ଅନୁଦାନ ଉପଯୋଗର ନିମ୍ନଗତି*

ଓଡିଶା ସାଧାରଣ ଆର୍ଥିକ ନିୟମାବଳୀ 2002 ର ନିୟମ 171 (3) ଅନୁଯାୟୀ, ପ୍ରଦାନ କରାଯାଇଥିବା ଅର୍ଥକୁ ମଞ୍ଜୁରୀ ଆଦେଶ ଜାରି ହେବା ଦିନ ଠାରୁ ଏକ ବର୍ଷ ମଧ୍ୟରେ ବିନିଯୋଗ କରାଯିବା କଥା ।

2020-22 ଆର୍ଥିକ ବର୍ଷ ମଧ୍ୟରେ ପରୀକ୍ଷଣ କରାଯାଇଥବା ଜିଲ୍ଲା ପରିଷଦ ଗୁଡିକରେ 15 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁସାରେ ଅନୁଦାନର ଉପଲବ୍ଧତା ଏବଂ ତାର ଉପଯୋଗ ***ସାରଣୀ-2.4*** ରେ ଦର୍ଶାଯାଇଛି ।

***ସାରଣୀ 2.4: ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ପରିଷଦରେ 15 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ପ୍ରାପ୍ତି ଓ ଉପଯୋଗ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଅନ୍ୟାନ୍ୟ ପ୍ରାପ୍ତି | ମୋଟ | ବ୍ୟୟ (ଉପଯୋଗର ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2020-21 | 0.00 | 71.19 | 0.55 | 71.74 | 24.09 *(34)* | 47.65 |
| 2021-22 | 47.65 | 52.62 | 1.40 | 101.67 | 48.20 *(47)* | 53.47 |

***ଉତ୍ସ: ସଂପୃକ୍ତ ଜିଲ୍ଲା ପରିଷଦର ରେକର୍ଡ***

---

[7] ଅର୍ଜିତ ସୁଧ, ଖାଲି ଅଖା ବସ୍ତା ଇତ୍ୟାଦି ବିକ୍ରୟରୁ ଅର୍ଜିତ

ଅଡିଟ୍‌ରୁ ଜଣାପଡ଼ିଲା ଯେ, 2020-21 ଏବଂ 2021-22 ଆର୍ଥିକ ବର୍ଷରେ ପରୀକ୍ଷଣ କରାଯାଇଥିବା ଜିଲ୍ଲା ପରିଷଦଗୁଡିକ ଉପଲବ୍ଧ ପାଣ୍ଠିର ସର୍ବାଧିକ 47 ପ୍ରତିଶତ ବିନିଯୋଗ କରିବାରେ ସକ୍ଷମ ହୋଇଥିଲେ । ସେହିଭଳି 2020-22 ମଧ୍ୟରେ ପରୀକ୍ଷଣ କରାଯାଇଥିବା ପଞ୍ଚାୟତ ସମିତିମାନଙ୍କ ଦ୍ୱାରା ଅନୁଦାନର ଉପଯୋଗ 10 ରୁ 53 ପ୍ରତିଶତ ମଧ୍ୟରେ ରହିଥିଲା, ଯାହା ***ସାରଣୀ 2.5*** ରେ ସବିଶେଷ ଦର୍ଶାଯାଇଛି ।

***ସାରଣୀ 2.5: ପଞ୍ଚାୟତ ସମିତି ସ୍ତରରେ 15 ତମ ଆର୍ଥିକ ଅନୁଦାନର ପ୍ରାପ୍ତି ଓ ଉପଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | କେନ୍ଦ୍ରୀୟ ଆର୍ଥିକ ଆୟୋଗ ଅନୁଦାନ ପ୍ରାପ୍ତି | ସୁଧ ଏବଂ ଅନ୍ୟାନ୍ୟ ପ୍ରାପ୍ତି | ମୋଟ | ବ୍ୟୟ (ଉପଯୋଗର ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2020-21 | 0 | 26.41 | 0.24 | 26.65 | 2.55*(10)* | 24.10 |
| 2021-22 | 24.10 | 53.08 | 1.02 | 78.20 | 41.39 *(53)* | 36.81 |

***ଉତ୍ସ:** ପରୀକ୍ଷଣ କରାଯାଇଥିବା ପଞ୍ଚାୟତ ସମିତିର ରେକର୍ଡ*

ଏଏପି ପ୍ରସ୍ତୁତିରେ ବିଳମ୍ବ, କାର୍ଯ୍ୟ ସଂପୂର୍ଣ୍ଣ ନହେବା ସହିତ ଜିଲ୍ଲା ଓ ପଞ୍ଚାୟତ ସମିତି ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟାପ୍ତ ତଦାରଖ ନ ହେବା ଯୋଗୁଁ ଅନୁଦାନ ବିନିଯୋଗର ଗତି କମ୍ ହୋଇଥିଲା, ଯାହା ଅନୁଚ୍ଛେଦ 2.3, 2.5.2 ଏବଂ 2.6.2 ରେ ଆଲୋଚନା କରାଯାଇଛି ।

### *2.4.4 ବକେୟା ଅଗ୍ରୀମର ବ୍ୟବସ୍ଥାପନ ନ ହେବା*

ଓଡିଶା ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରୋସୀଡିୟର (ଓପିଏସଏପି) ନିୟମାବଳୀ, 2002 ଅନୁଯାୟୀ ବିଭାଗୀୟ ଅଧିକାରୀମାନଙ୍କୁ ମଞ୍ଜୁରୀ ପ୍ରାପ୍ତ ଏବଂ ପ୍ରଦାନ କରାଯାଇଥିବା ଅଗ୍ରୀମ ଅର୍ଥକୁ ନିୟମିତ ଏବଂ ତୁରନ୍ତ ସଜାଡିବା ଆବଶ୍ୟକ । ଏହି ଅଗ୍ରୀମ ରେଜିଷ୍ଟରକୁ ପ୍ରତିବର୍ଷ ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ଦ୍ୱାରା ଯାଞ୍ଚ ହେବା ସହ ସେମାନଙ୍କ ଦସ୍ତଖତ ଓ ତାରିଖ ସହିତ ସତ୍ୟପାଠ କରିବା ଉଚିତ୍ । ଅର୍ଥ ବିଭାଗ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ (ମାର୍ଚ୍ଚ 2002) ଯେ, ଏକ ବର୍ଷରୁ ଅଧିକ ସମୟ ଧରି ବ୍ୟବସ୍ଥାପନ ହୋଇନଥିବା ଅଗ୍ରୀମକୁ ସରକାରୀ ଖାତାରେ କ୍ଷତି ବୋଲି ବିବେଚନା କରଯାଇ ଏଭଳି କ୍ଷତିର ଭରଣା କରିବା ପାଇଁ ଯଥା ସମ୍ଭବ ପୁନରୁଦ୍ଧାର / ସମାୟୋଜନ ମାଧ୍ୟମରେ ଏହା ଉପରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ।

କୋରାପୁଟ ଜିଲ୍ଲାର ତିନିଟି ପରୀକ୍ଷଣ ହୋଇଥିବା ପଞ୍ଚାୟତ ସମିତିର କୌଣସି ତଥ୍ୟ ଯଥା – ଅଗ୍ରୀମଧାରୀଙ୍କ ନାମ, ଅବଧି ଓ ଉଦ୍ଦେଶ୍ୟ ଇତ୍ୟାଦି ନ ଥାଇ ଅଗ୍ରୀମ ବାବଦରେ 9.32 ଲକ୍ଷ ଟଙ୍କା ବକେୟା ରହିଥିବା ସମୀକ୍ଷାରୁ ଜଣା ପଡିଥିଲା । ସେହିପରି ତିନିଟି ଜିଲ୍ଲାର ପରୀକ୍ଷଣ ହୋଇଥିବା ପାଞ୍ଚଟି ଗ୍ରାମ ପଞ୍ଚାୟତରେ ପୁର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏପ୍ରିଲ 2012 ରୁ 4.36 ଲକ୍ଷ ଟଙ୍କା ଅଗ୍ରୀମ ପ୍ରଦାନ କରାଯାଇଥିବା ବେଳେ ସେଥିମଧ୍ୟରୁ 2.87 ଲକ୍ଷ ଟଙ୍କା ଅଗ୍ରୀମ (***ପରିଶିଷ୍ଟ-2.3***) ବାକି ରହିଥିଲା (ମାର୍ଚ୍ଚ 2022 ସୁଦ୍ଧା) । ଏହାଛଡା, ଗ୍ରାମ ପଞ୍ଚାୟତ ଦ୍ୱାରା ନା ଅଗ୍ରୀମ ରେଜିଷ୍ଟର ଖୋଲାଯାଇଥିଲା, ନା ବ୍ଲକ ଉନ୍ନୟନ ଅଧିକାରୀମାନେ ବକେୟା ଅଗ୍ରୀମର ସମୀକ୍ଷା କରିଥିଲେ । ଠିକ୍ ସମୟରେ ଅଗ୍ରୀମ ଅର୍ଥର ସମାୟୋଜନ ନ ହେଲେ ଅର୍ଥ ହେରଫେର ହେବାର ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁ ।

ସଂପୃକ୍ତ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ବିଡିଓ ଏବଂ ପିଇଓ ମାନେ ବକେୟା ଅଗ୍ରୀମକୁ ସମାଯୋଜନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ (ଅଗଷ୍ଟ 2022) ।

### *2.4.5 କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି*

ନିର୍ଦ୍ଦିଷ୍ଟ ସର୍ତ୍ତ ଯେପରିକି; ସମୀକ୍ଷା ହୋଇଥିବା ହିସାବ ଦାଖଲ କରିବା, ନିଜସ୍ୱ ରାଜସ୍ୱ ବୃଦ୍ଧି, ପ୍ରସ୍ତୁତ କରିବା ଏବଂ ଏମଓପିଆର୍ ୱେବସାଇଟରେ କ୍ଷେତ୍ର ଭିତିକ ବ୍ୟୟ ବରାଦ ଅପଲୋଡ୍ କରିବା ଇତ୍ୟାଦି ସର୍ତ୍ତ ପୁରଣ ହେଲେ, 2016-20 ଆର୍ଥିକ ବର୍ଷ ଠାରୁ କାର୍ଯ୍ୟ ଅନୁଦାନ ପ୍ରଦାନ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିଶ କରିଥିଲେ । ଉପରୋକ୍ତ ମାନଦଣ୍ଡ ପୁରଣ କରିବା ପରେ ଗ୍ରାମ ପଞ୍ଚାୟତ ଗୁଡିକୁ 100 ପ୍ରତିଶତ ପର୍ଯ୍ୟନ୍ତ ୱେଟେଡ ସ୍କୋର ପ୍ରଦାନ

ଯାଇ ପ୍ରାପ୍ତ ସ୍କୋର[8] ଅନୁଯାୟୀ କାର୍ଯ୍ୟ ସଂପାଦନ ଅନୁଦାନ ବଣ୍ଟନ କରାଯିବାର ଥିଲା ।

ଅଡିଟ୍ 2017-18 ରୁ 2019-20 ପର୍ଯ୍ୟନ୍ତ ରେକର୍ଡ ଯାଞ୍ଚ କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ, ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅଧିନରେ ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ 65.18 କୋଟି ଟଙ୍କାର ମୌଳିକ ଅନୁଦାନ ପାଇଥିଲେ । ସେହି ଆଧାରରେ ମାର୍ଚ୍ଚ 2020 ସୁଦ୍ଧା ଛଅଟି ଗ୍ରାମ ପଞ୍ଚାୟତ ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ ଅନୁଦାନ 3.62 କୋଟି ଟଙ୍କା ଥିବା ସ୍ଥଳେ, ମାତ୍ର 0.58 କୋଟି ଟଙ୍କା ଲାଭ କରିଥିଲେ । ଅବଶିଷ୍ଟ 57ଟି ଗ୍ରାମ ପଞ୍ଚାୟତ ବାଧ୍ୟତା ମୂଳକ ଯୋଗ୍ୟତା ମାନଦଣ୍ଡ ପୂରଣ ନକରିବା କାରଣରୁ 3.04 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ଅନୁଦାନ ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇପାରି ନଥିଲେ, ଯାହା **ସାରଣୀ 2.6** ରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.6: କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାପ୍ତ ହୋଇଥିବା ମୌଳିକ ଅନୁଦାନ | ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ[9] ଅନୁଦାନ | ପ୍ରାପ୍ତ ହୋଇଥିବା କାର୍ଯ୍ୟ ସମ୍ପାଦନ ଅନୁଦାନ | କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି |
|---|---|---|---|---|
| 2017-18 | 17.44 | 0.97 | 0.42 | 0.55 |
| 2018-19 | 19.61 | 1.09 | 0 | 1.09 |
| 2019-20 | 28.13 | 1.56 | 0.16 | 1.40 |
| ମୋଟ | **65.18** | **3.62** | **0.58** | **3.04** |

*ଉତ୍ସ: ସଂପୃକ୍ତ ଗ୍ରାମ ପଞ୍ଚାୟତର ରେକର୍ଡ*

ଏହିସବୁ ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ ମାନେ ଦର୍ଶାଇଲେ (ଡିସେମ୍ବର 2022) ଯେ, ଆବଶ୍ୟକ ସର୍ତ୍ତ ପୂରଣ ହୋଇନଥିବାରୁ , ଗ୍ରାମ ପଞ୍ଚାୟତ ମାନଙ୍କୁ କାର୍ଯ୍ୟ ସଂପାଦନ ଅନୁଦାନ ମିଳିପାରିନଥିଲା ।

### *2.4.6 ଉପଯୋଗ ପ୍ରମାଣପତ୍ର ଦାଖଲ ନ କରିବା*

ପିଆର୍ ଏବଂ ଡିଡବ୍ଲ୍ୟୁ ବିଭାଗ ଦ୍ଵାରା ଜାରି କରାଯାଇଥିବା ମାର୍ଗଦର୍ଶିକା (ଅଗଷ୍ଟ 2015) ଅନୁସାରେ 14 ତମ ସିଏଫସି ଅନୁଦାନ ବାବଦରେ ଗ୍ରାମ ପଞ୍ଚାୟତଗୁଡିକୁ ସଂପୃକ୍ତ ଗ୍ରାମ ସଭାରେ ଅନୁମୋଦନ ଲାଭ ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ) ମାନଙ୍କୁ ଉପଯୋଗ ପ୍ରମାଣ ପତ୍ର ଦାଖଲ କରିବାକୁ ଥିଲା । ତା'ପରେ ସମସ୍ତ ଗ୍ରାମ ପଞ୍ଚାୟତରୁ ସଂଗୃହୀତ ଉପଯୋଗ ପ୍ରମାଣପତ୍ର ଗୁଡିକ, ଜିଲ୍ଲା ପରିଷଦରେ ସିଡିଓଙ୍କ ଦ୍ଵାରା ବିଧିବଦ୍ଧ ଭାବେ ପ୍ରତି ହସ୍ତାକ୍ଷର କରାଯାଇ, ଡିପିଓଙ୍କ ଦ୍ଵାରା ସରକାରଙ୍କୁ ପ୍ରଦାନ କରାଯିବାକୁ ଥିଲା ।

ଅଡିଟ୍‌ରୁ ଦର୍ଶାଯାଇଛି ଯେ 2017-20 ଆର୍ଥିକ ବର୍ଷରେ ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ ରୁ 60ଟି ଗ୍ରାମ ପଞ୍ଚାୟତ ସିଏଫସି ଅନୁଦାନ ଭାବେ 62.19 କୋଟି[10] ଟଙ୍କା ପାଇଛନ୍ତି । କିନ୍ତୁ ମାର୍ଚ୍ଚ 2022 ସୁଦ୍ଧା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ଗୁଡିକ ଡିପିଓଙ୍କୁ କୌଣସି ଉପଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିନଥିଲେ କିମ୍ବା ଉଚ୍ଚ କର୍ତ୍ତୃପକ୍ଷ ଯଥା ଡିପିଓ/ ସିଡିଓ, ଜେଡ୍‌ପି ଆଦି ୟୁସି ଦାଖଲ କରିବାକୁ ପ୍ରବର୍ତ୍ତାଇ ନଥିଲେ । ତେଣୁ ଅନୁଦାନରେ ପ୍ରକୃତ ବିନିଯୋଗ କେତେ ତାହା ରାଜ୍ୟ ସରକାର ଜାଣି ପାରିଲେ ନାହିଁ । ଯେହେତୁ ପିଇଓ ତଥା ଡିପିଓ ମାନେ ଉପଯୋଗ ପ୍ରମାଣପତ୍ର ଏକତ୍ରିତ କରି ଦାଖଲ କରିବା ପାଇଁ ସୁନିଶ୍ଚିତ କରିବାର ଥିଲା, ଉପଯୋଗ ପ୍ରମାଣପତ୍ର ଦାଖଲରେ ଅବହେଳା ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଯାଉ ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ କହିଥିଲେ (ଡିସେମ୍ବର 2022) ଯେ, ୟୁସି ଗୁଡିକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ ।

---

[8] 49 ପର୍ଯ୍ୟନ୍ତ ସ୍କୋର: ପିଜି ଆବଣ୍ଟନର 50 ପ୍ରତିଶତ ହେବା ଉଚିତ୍, 50 ରୁ 60 ପର୍ଯ୍ୟନ୍ତ ସ୍କୋର: 70 ପ୍ରତିଶତ, 61 ରୁ 70 ପର୍ଯ୍ୟନ୍ତ ସ୍କୋର: 80 ପ୍ରତିଶତ 70 ରୁ ଊର୍ଦ୍ଧ୍ଵ ସ୍କୋର: 100 ପ୍ରତିଶତ

[9] ମୌଳିକ ଅନୁଦାନ: 65.18 କୋଟି ଟଙ୍କା (ମୋଟ ଅନୁଦାନର 90 ପ୍ରତିଶତ), ମୌଳିକ ଅନୁଦାନ ( 65.18 କୋଟି ଟଙ୍କା X

100/90) :72.42 କୋଟି ଟଙ୍କା, ସର୍ବାଧିକ କାର୍ଯ୍ୟ ସମ୍ପାଦନ ଅନୁଦାନ (72.42 କୋଟି ଟଙ୍କାର 10 ପ୍ରତିଶତ):7.24 କୋଟି ଟଙ୍କା, ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ ଅନୁଦାନ (7.24 କୋଟି ଟଙ୍କାର 50 ପ୍ରତିଶତ):3.62 କୋଟି ଟଙ୍କା

[10] ଆର୍ଥିକ ବର୍ଷ 2017-18: 16.54 କୋଟି ଟଙ୍କା, ଆର୍ଥିକ ବର୍ଷ 2018-19: 18.44 କୋଟି ଟଙ୍କା, ଆର୍ଥିକ ବର୍ଷ 2019-20: 27.21 କୋଟି ଟଙ୍କା

### *2.4.7 ପାଣ୍ଠିଗୁଡ଼ିକର ସ୍ଥାନାନ୍ତରଣ*

ଓପିଏସଏପି ନିୟମାବଳୀ, 2002 ର ନିୟମ 10 (1) ଅନୁଯାୟୀ , ସରକାରଙ୍କ ପକ୍ଷରୁ ପଞ୍ଚାୟତ ସମିତି ନିକଟରେ ଅନୁଦାନ ବାବଦରେ ରଖାଯାଇଥିବା ଅର୍ଥକୁ ଅନ୍ୟ କାର୍ଯ୍ୟରେ ଲଗାଯାଇ ପାରିବ ନାହିଁ ।

ଅଡିଟ୍‌ରୁ ଜଣାଗଲା ଯେ, 2017-22 ଆର୍ଥିକ ବର୍ଷରେ 10 ଟି ପଞ୍ଚାୟତ ସମିତିର ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 24ଟି ଗ୍ରାମ ପଞ୍ଚାୟତ 81.96 ଲକ୍ଷ ଟଙ୍କା ସିଏଫସି ପାଣ୍ଠିରୁ ଅନ୍ୟ ଖର୍ଚ୍ଚ ଯଥା ଜିପି ଫଣ୍ଡ[11], ରାଜ୍ୟ ଅର୍ଥ କମିଶନ ଅନୁଦାନ (ଏସଏଫସି), ହରିଶ୍ଚନ୍ଦ୍ର ସହାୟତା ଯୋଜନା[12] (ଏଚଏସୱାଇ), ଜେନେରାଲ କ୍ୟାସବୁକ୍ ଟିଏସସି[13] ଇତ୍ୟାଦି ଉଦ୍ଦେଶ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ଏହି ରାଶିର କୌଣସି ଅଂଶକୁ ପୁନଃ ସଂଗ୍ରହ କରାଯାଇ ନଥିଲା, ଯଦିଓ ମାର୍ଚ୍ଚ 2022 ସୁଦ୍ଧା 195 ରୁ 1823 ଦିନ ବିତିଯାଇଥିଲା, ଯାହା ***ପରିଶିଷ୍ଟ- 2.4*** ରେ ସବିଶେଷ ଉଲ୍ଲେଖ କରାଯାଇଛି ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ ମାନେ କହିଥିଲେ (ଡିସେମ୍ବର 2022) ଯେ, ସ୍ଥାନାନ୍ତର ହୋଇଥିବା ଅର୍ଥକୁ ପୁନଃ ସଂଗ୍ରହ କରାଯିବ ।

### *2.4.8 ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସରକାରୀ ରାଜସ୍ୱ ପୈଠ ନ ହେବା*

ଓଟିସି ଭଲ୍ୟୁମ୍ -1 ଅନୁଯାୟୀ, ରାଜ୍ୟର ରାଜସ୍ୱ ବାବଦରେ ସରକାରୀ କର୍ମଚାରୀ ମାନଙ୍କୁ ମିଳୁଥିବା ସମସ୍ତ ଅର୍ଥକୁ ତିନିଦିନ ମଧ୍ୟରେ ରାଜକୋଷ କିମ୍ବା ବ୍ୟାଙ୍କ ମାନଙ୍କରେ ଜମା କରିବାକୁ ହେବ ।

ଅଡିଟ୍‌ରୁ ଲକ୍ଷ୍ୟ କରାଗଲା ଯେ 2017-22 ଆର୍ଥିକ ବର୍ଷରେ 11ଟି ପଞ୍ଚାୟତ ସମିତିର ଯାଞ୍ଚ ହୋଇଥିବା ଜିପି ମଧ୍ୟରୁ 28ଟି ଜିପିରେ କାର୍ଯ୍ୟବିଲରୁ ରୟାଲଟି, ଲେବର ସେସ୍ ଓ ଭାଟ୍ ବାବଦରେ 63.98 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଏହି ଅର୍ଥରୁ 18.22 ଲକ୍ଷ ଟଙ୍କା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ହୋଇଥିବା ବେଳେ ଅବଶିଷ୍ଟ 45.76 ଲକ୍ଷ ଟଙ୍କା ମାର୍ଚ୍ଚ 2022 ସୁଦ୍ଧା ଜମା ନକରି ଜିପିର ବ୍ୟାଙ୍କ ଖାତାରେ ପଡିରହିଥିଲା, ଯାହା **ପରିଶିଷ୍ଟ 2.5** ରେ ସବିଶେଷ ଦର୍ଶାଯାଇଛି । ଫଳସ୍ୱରୂପ ସରକାରୀ ରାଜସ୍ୱରେ ଅନିୟମିତତା ପରିଲକ୍ଷିତ ହୋଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓମାନେ ଦର୍ଶାଇଥିଲେ (ଡିସେମ୍ବର 2022) ଯେ, ସରକାରୀ ରାଜସ୍ୱ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରାଯିବ । ସେପ୍ଟେମ୍ବର 2024 ସୁଦ୍ଧା କୌଣସି ଉତ୍ତର ମିଳିନଥିଲା ।

***ସୁପାରିଶ:***

***2. ଗ୍ରାମ ପଞ୍ଚାୟତ ମାନଙ୍କ ଦ୍ୱାରା ଉପଯୋଗ ପ୍ରମାଣପତ୍ର ଦାଖଲ ହୋଇନଥିବାରୁ ସଂପୃକ୍ତ ପିଇଓ ଏବଂ ଡିପିଓ ମାନଙ୍କୁ ଉତ୍ତରଦାୟୀ କରାଯାଉ ।***

***3. ଅନୁଦାନକୁ ସମୟୋଚିତ ଭାବରେ ଏବଂ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବିନିଯୋଗ କରାଯାଉ ।***

## 2.5 କାର୍ଯ୍ୟ ନିର୍ବାହ

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶାବଳୀ (ଅଗଷ୍ଟ 2015) ଅନୁଯାୟୀ , ସିଏଫସି ଅନୁଦାନକୁ ବିନିଯୋଗ କରିବା ପାଇଁ ପାଞ୍ଚ ବର୍ଷିୟ ପରସ୍ପେକ୍ଟିଭ ଯୋଜନା ଏବଂ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଆବଶ୍ୟକତା ଆଧାରରେ ପ୍ରକଳ୍ପ ଗ୍ରହଣ କରିବାକୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କୁ ସଶକ୍ତିକରଣ କରାଯିବ ।

### *2.5.1 ଅଗ୍ରହଣୀୟ କାର୍ଯ୍ୟ ସମ୍ପାଦନ*

କାର୍ଯ୍ୟାନ୍ୱୟନ ଗାଇଡ ଲାଇନ ଅନୁଯାୟୀ , ଚତୁର୍ଦ୍ଦଶ ଏଫସି ଅନୁଦାନ ପାଇଁ, ମୌଳିକ ନାଗରିକ ସେବା ଯୋଗାଇବା ପାଇଁ ମୌଳିକ ଅନୁଦାନର ବିନିଯୋଗ କରାଯିବାର ଥିଲା । ଜଳ ଯୋଗାଣ ପରି ସେପ୍ଟିକ ପରିଚାଳନା ସମେତ ପରିମଳ ବ୍ୟବସ୍ଥା, ସେୱରେଜ୍ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ରାସ୍ତାଘାଟର ମରାମତି କରାଯିବା, ପାଦଚଲା ରାସ୍ତା, ରାସ୍ତାଘାଟ ଆଲୋକୀକରଣ, ଶ୍ମଶାନ ଓ

[11] ଏହି ପାଣ୍ଠି ମୁଖ୍ୟତଃ ଜିପିର ନିଜସ୍ୱ ରାଜସ୍ୱ/ ଉତ୍ସକୁ ନେଇ ଗଠିତ

[12] ଏହା ଗୋଟିଏ ଗରିବ ବ୍ୟକ୍ତିର ମୃତ୍ୟୁ ପରେ ଶବଦାହ ପାଇଁ ସହାୟତା ଦେବା ପାଇଁ ଗୋଟିଏ ରାଜ୍ୟ ଯୋଜନା ଅଟେ

[13] ଟିଏସ୍‌ସି: କୋଭିଡ୍ ରୋଗୀଙ୍କ ପାଇଁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର

ଶ୍ମଶାନ ଘାଟକୁ ଏହା ଅନ୍ତର୍ଭୁକ୍ତ କରାଯାଇଥିଲା । ସେହିପରି ପଞ୍ଚଦଶ ଅର୍ଥ ଆୟୋଗର ଅନୁଦାନ ପାଇଁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ ଅନୁଯାୟୀ, ମୌଳିକ ଅନୁଦାନକୁ ମୁକ୍ତ ରଖାଯାଇଥିଲା ଏବଂ ଏହା ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସ୍ଥାନ ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ବ୍ୟବହାର କରାଯାଇପାରିବ । କିନ୍ତୁ, ଏହା ବେତନ କିମ୍ବା ଅନ୍ୟାନ୍ୟ ପ୍ରତିଷ୍ଠାନ ଖର୍ଚ୍ଚ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ ।

ଅଡିଟ୍‌ରୁ ଲକ୍ଷ୍ୟ କରାଗଲା ଯେ, ନମୁନା ଯାଞ୍ଚ ହୋଇଥିବା 63 ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 25 ଟି ଜିପି କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ, କମ୍ପ୍ୟୁଟର କ୍ରୟ, ମୁଦ୍ରା କର, ଇନ୍‌ଭଟର ଇତ୍ୟାଦି କାର୍ଯ୍ୟରେ 1.37 କୋଟି ଟଙ୍କା ବିନିଯୋଗ କରିଥିଲେ, ଯାହା ଚତୁର୍ଦ୍ଦଶ ଏଫ୍‌ସି ଅନୁଦାନରେ ଗ୍ରହଣୀୟ ନଥିଲା ।

ସେହିପରି 17 ଟି ଜିପି ଓ ଗୋଟିଏ ପଞ୍ଚାୟତ ସମିତି ସିସି ଟିଭି କ୍ୟାମେରା ଲଗାଇବା, ସରକାରୀ କ୍ୱାର୍ଟର ନିର୍ମାଣ, ଅଫିସ୍ କଣ୍ଟିଜେନ୍ସି ଆଦି କ୍ରୟ କରିବା ଇତ୍ୟାଦି କାର୍ଯ୍ୟ ପାଇଁ 0.81 କୋଟି ଟଙ୍କା ବ୍ୟୟ କରିଥିଲେ, ଯାହା 15 ତମ ଏଫ୍‌ସି ଅନୁଦାନରେ ଗ୍ରହଣୀୟ ନଥିଲା ।

ତେଣୁ, ସିଏଫ୍‌ସି ଅନୁଦାନରୁ 2.18 କୋଟି ଟଙ୍କା ଅଗ୍ରହଣୀୟ ବ୍ୟୟ ବରାଦ କରାଯାଇଥିଲା, ଯାହା ***ପରିଶିଷ୍ଟ 2.6*** ରେ ଉଲ୍ଲେଖ କରାଯାଇଛି ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଏସ୍ ଏବଂ ପିଇଓ କହିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ସେମାନେ ଅଗ୍ରହଣୀୟ ପ୍ରକଳ୍ପରେ କୌଣସି ଖର୍ଚ୍ଚ କରିବେ ନାହିଁ ।

ମାର୍ଗଦର୍ଶିକାରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରି ବ୍ୟୟ ବରାଦ କରାଯାଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ଏବଂ ସେଥିପାଇଁ ଅଗ୍ରହଣୀୟ ବ୍ୟୟକୁ ଅନୁମୋଦନ କରିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯାଉ ।

### *2.5.2 ଅବାସ୍ତବ ଆକଳନ ପ୍ରସ୍ତୁତି ଯୋଗୁଁ ଅପବ୍ୟୟ*

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀ, 2014, 29(1) ଅନୁଯାୟୀ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଦାୟିତ୍ୱ ହେଉଛି, ସମ୍ପୂର୍ଣ୍ଣ ତଦାରଖ କରିବା, ଗ୍ରାମ ପଞ୍ଚାୟତ ଦ୍ୱାରା ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ସେମାନଙ୍କର ପ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବା ସମ୍ବନ୍ଧରେ ଉଲ୍ଲେଖ କରିଥାଏ ।

ତେବେ, ଅଡିଟ୍‌ରେ ସାତଟି ଗ୍ରାମ ପଞ୍ଚାୟତରେ ସାତଟି କାମରେ ଦେଖିଲା ଯେ, ଯାହାର ଆନୁମାନିକ ମୂଲ୍ୟ 43.86 ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ବର୍ଷ 2018-21 ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା । 43.13 ଲକ୍ଷ ଟଙ୍କା ବିନିଯୋଗ ପରେ ମାର୍ଚ୍ଚ 2022 ସୁଦ୍ଧା ପ୍ରକଳ୍ପ ଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା, ଯାହା ***ପରିଶିଷ୍ଟ 2.7*** ରେ ଉଲ୍ଲେଖ କରାଗଲା । ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ପଞ୍ଚାୟତ ସମିତି ମୁଜାଗଡ଼ ଗ୍ରାମ ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ଛଅଟି ପ୍ରକଳ୍ପର ଜେପିଆଇ (ମେଇ 2022 ରୁ ଜାନୁଆରୀ 2023 ମଧ୍ୟରେ) ସମୀକ୍ଷା କରାଯାଇଥିଲା ଏବଂ ଲକ୍ଷ୍ୟ କରାଗଲା ଯେ ଏହି ପ୍ରକଳ୍ପଗୁଡ଼ିକ କେବଳ ପ୍ରାରମ୍ଭିକ ପର୍ଯ୍ୟାୟ ପର୍ଯ୍ୟନ୍ତ ଶେଷ ହୋଇଥିଲା । ଏପରିକି ସେମାନଙ୍କର ସମ୍ପୂର୍ଣ୍ଣ ଆନୁମାନିକ ଖର୍ଚ୍ଚର ବିନିଯୋଗ ପରେ ମଧ ସେହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିବା **ଫଟୋଗ୍ରାଫ୍** 2.1 ଏବଂ 2.2 ରେ ଦର୍ଶାଯାଇଛି । ଏହା ସୂଚାଇ ଦେଲା ଯେ, ଏହି ଆକଳନ ଅବାସ୍ତବ ଥିଲା କାରଣ ଏହି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ପାଇଁ ପାଣିର ମୋଟ ଆବଶ୍ୟକତାକୁ ବିବେଚନା କରାଯାଇ ନଥିଲା । ଏହିପରି, ସମଗ୍ର ପ୍ରକଳ୍ପ ମୂଲ୍ୟକୁ ବିଚାର ନକରି ଆକଳନ ପ୍ରସ୍ତୁତିର ଫଳସ୍ୱରୂପ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିଲା । ଯାହା ଶେଷରେ 43.13 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ସହିତ ସେହି ଗ୍ରାମ ପଞ୍ଚାୟତର ପ୍ରାୟ 46,000 ଜନସାଧାରଣଙ୍କୁ ସୁଯୋଗ ଲାଭରୁ ବଞ୍ଚିତ କରାଯାଇଥିଲା ।

| ଫଟୋଗ୍ରାଫ୍ ସଂଖ୍ୟା 2.1 | ଫଟୋଗ୍ରାଫ ସଂଖ୍ୟା- 2.2 |
|---|---|
|  |  |
| କୋରାପୁଟ ଜିଲ୍ଲାର ଦଶମନ୍ତପୁର ପଞ୍ଚାୟତ ସମିତିର ଦଶରଥପୁର ଗ୍ରାମ ପଞ୍ଚାୟତର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ | ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତିର ଖୁଆଡ଼ ଗ୍ରାମ ପଞ୍ଚାୟତର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ |

ଏହି ତଥ୍ୟକୁ ନିଶ୍ଚିତ କରି ପିଇଓ କହିଲେ (ଡିସେମ୍ବର 2022) ଯେ, ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ଅର୍ଥ ମଞ୍ଜୁର କରିବା ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ ।

ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ଅବାସ୍ତବ ଆକଳନ ପ୍ରସ୍ତୁତ ପାଇଁ କୌଣସି କାରଣ ଦର୍ଶାଯାଇ ନଥିଲା । ତେଣୁ, ଏହିପରି ଅବାସ୍ତବ ଆକଳନ ଏବଂ ଅପବ୍ୟୟରେ ସଂପୃକ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

## *2.5.3 କାର୍ଯ୍ୟ ସମ୍ପାଦନ ପାଇଁ ଅପବ୍ୟୟ*

ଓଡ଼ିଶା ବିତ୍ତୀୟ ଦାୟୀତ୍ୱ ଓ ବଜେଟ୍ ପରିଚାଳନା 2005, ଅନୁଯାୟୀ ସରକାରୀ ସମ୍ବଳକୁ ଏଭଳି ଉପାୟରେ ବ୍ୟବହାର କରାଯିବା ଉଚିତ୍ ଯାହା ଅର୍ଥର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରିବ ଏବଂ ଏହି ସମ୍ବଳରୁ ସୃଷ୍ଟି ହୋଇଥିବା ସମ୍ପତ୍ତିର ଉପଯୋଗ ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ବ୍ୟବହାର କରିବା ଉଚିତ୍ । ଯେକୌଣସି ଜଳଯୋଗାଣ ବ୍ୟବସ୍ଥାର ଲକ୍ଷ୍ୟ ହାସଲ କରିବାକୁ, ଜଳଯୋଗାଣ ବ୍ୟବସ୍ଥା ସ୍ଥାପନ ପୂର୍ବରୁ, ଜମିର ସ୍ଥିତି, ଜଳର ଉତ୍ସ, ନିୟମିତ ରକ୍ଷଣାବେକ୍ଷଣ ଯଥା-ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଇତ୍ୟାଦିକୁ ନିଶ୍ଚିତ କରାଯିବା ଉଚିତ୍ ।

- ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ, ପରୀକ୍ଷଣ କରାଯାଇଥିବା 63 ଟି ପରୀକ୍ଷିତ ଗ୍ରାମ ପଞ୍ଚାୟତ ମଧ୍ୟରୁ ଛଅଟିରେ 14 ତମ ଆର୍ଥିକ ଅନୁଦାନ ମଧ୍ୟରୁ ଆର୍ଥିକ ବର୍ଷ 2016-20 ମଧ୍ୟରେ ନିକଟସ୍ଥ ଅଞ୍ଚଳର 27,000 ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରିଭର୍ସ ଓସ୍ମୋସିସ୍ (ଆର୍‌ଓ) ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା । ଏହି ପ୍ଲାଣ୍ଟଗୁଡ଼ିକର ମୂଲ୍ୟ (ବିଲ୍ଡିଂ ପ୍ଲାଣ୍ଟ ବିଦ୍ୟୁତକରଣ, ନଳକୂପ ଖୋଳିବା ସମେତ) 36.90 ଲକ୍ଷ ଟଙ୍କା ଥିଲା, ଯାହା ***ପରିଶିଷ୍ଟ 2.8*** ରେ ବର୍ଣ୍ଣନା କରାଯାଇଛି । ଯାହାହେଉ, ଏହି ଆକଳନକୁ ପ୍ରସ୍ତୁତ କରିବା ସମୟରେ ଜଳର ଉତ୍ସ ଏବଂ ଏହି ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣ ଇତ୍ୟାଦିକୁ ବିଚାର କରାଯାଇନଥିଲା । ଆହୁରି ମଧ୍ୟ, ସିଏଫ୍‌ସି ପାଣ୍ଠିରୁ ଏଭଳି ଖର୍ଚ୍ଚ ଗ୍ରହଣୀୟତା ସତ୍ତ୍ୱେ ଗ୍ରାମ ପଞ୍ଚାୟତ ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ଯୋଗାଣକାରୀ ସହିତ କୌଣସି ଚୁକ୍ତି କରିନଥିଲେ କିମ୍ବା ସେମାନେ ନିଜେ ଆର୍‌ଓ ପ୍ଲାଣ୍ଟର ରକ୍ଷଣାବେକ୍ଷଣ କରିନଥିଲେ ।

- ଏହି ଆର୍‌ଓ ପ୍ଲାଣ୍ଟର ଜେପିଆଇରୁ ସମୀକ୍ଷା (ଡିସେମ୍ବର 2022) ଅନୁଧ୍ୟାନ କରିଛି ଯେ, ଉତ୍ସର ବିଫଳତା, ଆବଶ୍ୟକୀୟ ଉପକରଣର କ୍ରୟ ଏବଂ ମରାମତି ନହେବା ଇତ୍ୟାଦି କାରଣରୁ ଏହି ସମସ୍ତ ୟୁନିଟ୍ ଅଚଳ ହୋଇପଡ଼ିଥିଲା । ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା ଏହି ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ କୌଣସି ପ୍ରୟାସ କରାଯାଇ ନଥିଲା, ଯାହାଫଳରେ ଏହି ଉପକରଣଗୁଡ଼ିକ ବ୍ୟବହାର ଯୋଗ୍ୟ ହୋଇପାରି ନଥିଲା । ଫଳରେ 36 ଲକ୍ଷ 90 ହଜାର ଟଙ୍କା ବିନିଯୋଗ ସତ୍ତ୍ୱେ ଏହି ପ୍ଲାଣ୍ଟଗୁଡ଼ିକ ଏହି ପଞ୍ଚାୟତରେ ପାଖାପାଖି 27,000 ଅଞ୍ଚଳବାସୀଙ୍କୁ ପାନୀୟଜଳ ଯୋଗେଇବାରେ ବିଫଳ ହୋଇଥିଲେ ।

| ଫୋଟୋଗ୍ରାଫ୍ ସଂଖ୍ୟା- *2.3* | ଫୋଟୋଗ୍ରାଫ୍ ସଂଖ୍ୟା - *2.4* |
|---|---|
|  |  |

**ସୁନ୍ଦରଗଡ଼ ଜିଲ୍ଲାର କୋଇରା ବ୍ଲକର କେ,କଳଙ୍ଗ ଗ୍ରାମପଞ୍ଚାୟତରେ ଅଣ-କାର୍ଯ୍ୟକ୍ଷମ ରିଭର୍ସ ଆସ୍‌ମୋସିସ୍ ପ୍ଲାଣ୍ଟ**

| ଫୋଟୋଗ୍ରାଫ୍ ସଂଖ୍ୟା - *2.5* | ଫୋଟୋଗ୍ରାଫ୍ ସଂଖ୍ୟା - *2.6* |
|---|---|
|  |  |

**ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ କୁଚଡେଗା ଗ୍ରାମ ପଞ୍ଚାୟତରେ ଅଣ-କାର୍ଯ୍ୟକ୍ଷମ ରିଭର୍ସ ଆସମୋସିସ୍ ପ୍ଲାଣ୍ଟ**

ସେହିପରି ଚ଼ରୋଟି ଗ୍ରାମ ପଞ୍ଚାୟତରେ (ଫେବୃଆରୀ 2018ରୁ ଅକ୍ଟୋବର 2021 ମଧ୍ୟରେ) 17.25 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଛଅଟି ଜଳ ଯୋଗାଣ କାର୍ଯ୍ୟ ସମାପ୍ତ ହୋଇଥିଲା, (***ପରିଶିଷ୍ଟ-2.9***) ଅଡିଟ୍  ଜେପିଆଇରୁ ଅନୁଧାନ କଲା ଯେ, ଏହି ଉପକରଣ ଗୁଡିକର  ରକ୍ଷଣାବେକ୍ଷଣ ସିଏପସି  ପାଣ୍ଠିରୁ ପଞ୍ଚାୟତ ଦ୍ୱାରା  ଗ୍ରହଣୀୟତା  ସତ୍ତ୍ୱେ, ଏହି ସଂପତ୍ତି ଗୁଡିକ  କାର୍ଯ୍ୟକ୍ଷମ ହୋଇନଥିଲେ, ଯାହାର ମୁଖ୍ୟ କାରଣ ଥିଲା ଆବଶ୍ୟକୀୟ  ମରାମତିର  ଅଭାବ ଏବଂ  ଯନ୍ତ୍ର ଗୁଡିକ ମରାମତି ନକରିବା ।

| ଫୋଟୋଗ୍ରାଫ୍ ସଂଖ୍ୟା *2.7 & 2.8* | |
|---|---|
|  |  |

***ତ୍ରିଙ୍ଗା ଗ୍ରାମ ପଞ୍ଚାୟତର ସୋଲେଇ ଆଦିବାସୀ ସାହି ଏବଂ ତୋଟା ସାହିରେ ଅଚଳ ଜଳ ଯୋଗାଣ ପ୍ରକଳ୍ପ***

ଏହି ତଥ୍ୟକୁ  ନିଶ୍ଚିତ କରି ସଂପୃକ୍ତ ପିଇଓମାନେ (ଡିସେମ୍ବର 2022) ଉଲେଖ  କରିଥିଲେ ଯେ କାର୍ଯ୍ୟ ସଂପର୍କରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯିବ ।

### *2.5.4 ମାର୍କେଟ କମ୍ପ୍ଲେକ୍ସର ଅଣ-ଉପଯୋଗିତା*

ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ବିଭାଗର ନିର୍ଦ୍ଦେଶ (ଜୁନ 2015) ଅନୁସାରେ ଗ୍ରାମ ସଭା ଡକାଯାଇ, ସମ୍ପତ୍ତିର ମାସିକ ଭଡା ନିର୍ଦ୍ଧାରଣ ପାଇଁ , ଜିପିଙ୍କ ଅନୁମୋଦନ କରାଯିବାର ଥିଲା ଅଧିକନ୍ତୁ ପିଆର୍ ଆଣ୍ଡ ଡିଡବଲ୍ୟୁ ବିଭାଗର ନିର୍ଦ୍ଦେଶ (ଜାନୁଆରୀ 2016) ଅନୁଯାୟୀ, ବ୍ୟବସାୟିକ କୋଠା / ଦୋକାନଗୁଡିକ ଆବଣ୍ଟନ ପାଇଁ ନିଲାମ ରଖାଯିବାର ଥିଲା ।

63ଟି ପରୀକ୍ଷିତ ଜିପି ମଧ୍ୟରୁ ସାତଟି[14] ଜିପି (ନଭେମ୍ବର 2018 ରୁ ମଇ 2022 ମଧ୍ୟରେ) ସାତଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ 63.79 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ।

ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ ମାସିକ ଭଡା ନିର୍ଦ୍ଧାରଣ ପାଇଁ ଗ୍ରାମ ପଞ୍ଚାୟତଗୁଡିରେ ଗ୍ରାମ ସଭା ଡକାଯାଇ ନଥିଲା କିମ୍ବା ରାଜସ୍ୱ ଆଦାୟ ପାଇଁ ସମ୍ପତ୍ତି ନିଲାମ କରାଯାଇ ନଥିଲା । ତେଣୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ 63 ଲକ୍ଷ 79 ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ ତାହା ଫଳପ୍ରଦ ହୋଇପାରି ନଥିଲା ଏବଂ ଏହି ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ କୌଣସି ରାଜସ୍ୱ ଆଦାୟ ହୋଇପାରି ନଥିଲା ।

| *ଫୋଟୋଗ୍ରାଫ୍ ସଂଖ୍ୟା- 2.9* | *ଫୋଟୋଗ୍ରାଫ୍ ସଂଖ୍ୟା - 2.10* |
|---|---|
|  |  |
| *ଚମ୍ପୁଆ ପଞ୍ଚାୟତ ସମିତିର ଭୁଇଁପୁର ଗ୍ରାମ ପଞ୍ଚାୟତରେ ମାର୍କେଟ୍ କମ୍ପ୍ଲେକ୍ସ ନଭେମ୍ବର 2018 ଠାରୁ ଅକାମୀ ହୋଇପଡ଼ିଛି* | *ବଣ୍ଡା ପଞ୍ଚାୟତ ସମିତିର ପତ୍ରଝଡ଼ା ଗ୍ରାମ ପଞ୍ଚାୟତରେ ମାର୍କେଟ୍ କମ୍ପ୍ଲେକ୍ସ ଅଗଷ୍ଟ 2020 ଠାରୁ ଅକାମୀ ହୋଇପଡ଼ିଛି* |

ଏହି ତଥ୍ୟଗୁଡିକୁ ନିଶ୍ଚିତ କରି ସଂପୃକ୍ତ ପିଇଓମାନେ (ଡିସେମ୍ବର 2022) କହିଥିଲେ ଯେ, ଅଧିକ ଭଡା ନିର୍ଦ୍ଧାରଣ ହେତୁ, କେହି ସମ୍ପତ୍ତି ବ୍ୟବହାର କରିବାକୁ ଆଗେଇ ଆସି ନଥିଲେ । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପରୀକ୍ଷିତ ଜିପିର ପିଇଓ ମଧ୍ୟରୁ କେହି ମଧ ସେମାନଙ୍କ ଗ୍ରାମ ସଭାରେ ଭଡା ନିର୍ଦ୍ଧାରଣ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ପ୍ରଦାନ କରିପାରି ନଥିଲେ ।

ପୁନଶ୍ଚ, ଗ୍ରାମ ପଞ୍ଚାୟତ ଦ୍ୱାରା ମାର୍କେଟ କମ୍ପ୍ଲେକ୍ସକୁ ବ୍ୟବହାର କରିବାରେ ବିଫଳତା କେବଳ ଅପଚୟ ନୁହେଁ ବରଂ ଯେଉଁ ଟଙ୍କାକୁ ଅନ୍ୟ ଉତ୍ପାଦନକାରୀ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିଥାନ୍ତା, ତାହାକୁ ଅବରୋଧ କରାଯାଇଥିଲା । ଏପରି ଅପଚୟ ଖର୍ଚ୍ଚ ପାଇଁ ଦାୟୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଉ ।

### *2.5.5 ପରିବହନ ଖର୍ଚ୍ଚର ଅନିୟମିତ ଦେୟ*

ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁସାରେ (ଜୁଲାଇ 2018), ପକ୍କା ସଡକ ଓ ନିର୍ମାଣ ସାମଗ୍ରୀ କ୍ରୟ ବିକ୍ରୟ କରିବା, ବିଭାଗ କର୍ତ୍ତୃପକ୍ଷଙ୍କ ସହ ପଞ୍ଜିକୃତ ବିକ୍ରେତାଙ୍କ ଠାରୁ ତିଆରି ହେବାର ଥିଲା । ଟେଣ୍ଡର / କୋଟେସନ୍ ଟେଣ୍ଡର ଆଧାରରେ, ପଞ୍ଜୀକୃତ ଡିଲର/ସପ୍ଲାୟାରମାନଙ୍କୁ କୋଡାଲ ପ୍ରକ୍ରିୟା ଏବଂ ଦେୟ ଆକାଉଣ୍ଟ ପେଇ ଚେକ୍ ମାଧ୍ୟମରେ ପ୍ରଦାନ କରାଯିବାର ଥିଲା ।

ପରୀକ୍ଷିତ ହୋଇଥିବା ପିଏସ୍ ଓ ଜିପି ମଧ୍ୟରୁ ସମୀକ୍ଷା ଦୃଷ୍ଟିଗୋଚରରେ ଗୋଟିଏ ପିଏସ (ଭଞ୍ଜନଗର) ରେ ଏବଂ

[14] ପାଟମୁଣ୍ଡା, କୁଚେଦେଗା, ପାନପୋଷ, ପତ୍ରଝଡ଼ା, ତ୍ରିଜଙ୍ଗା, ଭୂଇଁପୁର ଏବଂ ମୁଜାଗଡ଼

ଋରୋଟିରେ ଜିପି[15], 20 ଟି କାମ ସମ୍ପୂର୍ଣ୍ଣ କରିଥିଲେ । ଆର୍ଥିକ ବର୍ଷ 2017-22 ମଧ୍ୟରେ ସେମାନେ 35.89 ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ସେଥିମଧ୍ୟରୁ 7.11 ଲକ୍ଷ ଟଙ୍କା ହାତ ରସିଦ ମାଧ୍ୟମରେ ଖର୍ଚ୍ଚ ହୋଇଥିଲା । ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ ଖର୍ଚ୍ଚ ବାବଦରେ ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଥିଲା ଯେ, 7.11 ଲକ୍ଷ ଟଙ୍କା ମଧ୍ୟରୁ 5.86 ଲକ୍ଷ ଟଙ୍କା ମୋଟର ବାଇକ୍ ଏବଂ ଅସ୍ତିତ୍ୱହୀନ ଯାନ ଦ୍ୱାରା ସାମଗ୍ରୀ ପରିବହନ ପାଇଁ ପ୍ରଦାନ କରାଯାଇଥିବା ଦର୍ଶାଯାଇଥିଲା । ତେଣୁ ଭାଉଚର ପ୍ରକୃତତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ପିଇଓ (ଡିସେମ୍ବର 2022) ରେ କହିଲେ ଯେ, ଭବିଷ୍ୟତରେ ଭାଉଚର ଦାଖଲ କରିବା ସମୟରେ ଉପଯୁକ୍ତ ଯତ୍ନ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଏହି ଭାଉଚର ଗୁଡିକର ସତ୍ୟତା ସନ୍ଦେହରେ ଥିଲା ଏବଂ ପରବର୍ତ୍ତୀ ଅନୁସନ୍ଧାନ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଞ୍ଚ କରାଯାଉ ।

### 2.5.6 ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ଅନିୟମିତତା

ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁସାରେ ଜନ ବହୁଳ ଗ୍ରାମ ଗୁଡିକରେ ରାସ୍ତା ଲାଇଟ୍ ଯୋଗାଇ ଦିଆଯିବାକୁ ପ୍ରାଥମିକତା ଭିତ୍ତିରେ ଜନବହୁଳ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଯୋଗାଇ ଦିଆଯିବାକୁ ସ୍ଥିର ହୋଇଥିଲା । ଏହି ପ୍ରକଳ୍ପଗୁଡିକ ବୈଷୟିକ ଭାବେ କନିଷ୍ଠ ଯନ୍ତ୍ରୀ (ବିଦ୍ୟୁତ୍) ଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ଥିଲା ଏବଂ ଗ୍ରାମ ପଞ୍ଚାୟତ ଦ୍ୱାରା ଅନୁମୋଦିତ ହେବାର ଥିଲା । । ଆବଶ୍ୟକ ପଡିଲେ ଲାଇଟ ପୋଷ୍ଟର ଭୌତିକ ନିରୀକ୍ଷଣ ପାଇଁ ଦେୟ ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ବିଦ୍ୟୁତ୍ ଡିଭିଜନ ନିକଟରେ ପାଣ୍ଠି ରଖାଯାଇଥିଲା ।

ସାମଗ୍ରୀ କ୍ରୟ ଉପରେ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା (ଫେବୃଆରୀ 2012) ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 12 (i) ଅନୁଯାୟୀ, ପାଞ୍ଚ ଲକ୍ଷ କିମ୍ବା ତା'ଠାରୁ ଅଧିକ ଆନୁମାନିକ ମୂଲ୍ୟର ସାମଗ୍ରୀ କ୍ରୟ ପାଇଁ ଟେଣ୍ଡରର ବିଜ୍ଞାପନ କରାଯାଇପାରେ । ପୁନଶ୍ଚ ଓପିଡବ୍ଲ୍ୟୁଡି କୋଡର ଦ୍ୱିତୀୟ ଭାଗ, ***ପରିଶିଷ୍ଟ-VII*** (2015 ରେ ସଂଶୋଧିତ) ଦର୍ଶାଏ ଯେ, ସାଧାରଣ ଭାବରେ ପାଞ୍ଚ ଲକ୍ଷରୁ ଅଧିକ ମୂଲ୍ୟର ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରିତ ହେବ ।

ଆର୍ଥିକ ବର୍ଷ 2017-22 ମଧ୍ୟରେ 24[16] ଜିପିରେ କାର୍ଯ୍ୟକାରୀ ହୋଇଥିବା 235 ଟି ପ୍ରକଳ୍ପର ସମୀକ୍ଷା କରାଯାଇ ନିମ୍ନୋକ୍ତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ।

#### 2.5.6.1 ବିନା ପ୍ରଶାସନିକ ଅନୁମୋଦନ ଓ ବୈଷୟିକ ମଞ୍ଜୁରୀରେ କାର୍ଯ୍ୟ ସମ୍ପାଦନ

ଓପିଡବ୍ଲ୍ୟୁଡି କୋଡ୍ ଭଲ୍ୟୁମ୍-I ଅନୁଯାୟୀ ଆକଳନ ବ୍ୟତୀତ, ସରକାରୀ କାର୍ଯ୍ୟ ଆରମ୍ଭ କରିବା ପାଇଁ ତିନୋଟି ଜରୁରୀ ଆବଶ୍ୟକତା ରହିଛି । ସେଗୁଡ଼ିକ ହେଉଛି, (i) ପ୍ରଶାସନିକ ଅନୁମୋଦନ (ii ) ବୈଷୟିକ ମଞ୍ଜୁରୀ ଏବଂ (iii) ପାଣ୍ଠି ଆବଣ୍ଟନ ।

ଅଡିଟ୍‌ରୁ ଜଣାପଡ଼ିଲା ଯେ 55ଟି ମାମଲାରେ ପ୍ରକଳ୍ପ ଗ୍ରହଣ କରିବା ପୂର୍ବରୁ ଅନୁମୋଦିତ ବୈଷୟିକ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆକଳନ ପ୍ରସ୍ତୁତ କରାଯାଇ ନଥିଲା କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକଳ୍ପଗୁଡିକୁ ପ୍ରଶାସନିକ ଏବଂ ବୈଷୟିକ ଭାବେ ଅନୁମୋଦନ କରାଯାଇ ନଥିଲା ।

ଏହି ତଥ୍ୟଗୁଡିକ ନିଶ୍ଚିତ କରି ସଂପୃକ୍ତ ପିଇଓ (ଡିସେମ୍ବର 2022) କହିଥିଲେ ଯେ, ଅଜ୍ଞତା କାରଣରୁ, ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟକାରୀ କରିବା ପାଇଁ ଆକଳନ ପ୍ରସ୍ତୁତ କରାଯାଇ ନଥିଲା । ଏହି ଉତ୍ତର ଗ୍ରହଣୀୟ ନିହେଁ, କାରଣ ବିନା ଆକଳନ ଏବଂ ପ୍ରଶାସନିକ ଅନୁମୋଦନରେ କାର୍ଯ୍ୟ ସମ୍ପାଦନ କରିବା କୋଡାଲ ବ୍ୟବସ୍ଥାର ଉଲଂଘନ ଥିଲା ।

#### 2.5.6.2 କାର୍ଯ୍ୟାଦେଶ ପ୍ରଦାନରେ ସ୍ୱଚ୍ଛ ଅନୁପାଳନ ନ କରିବା

ପରୀକ୍ଷିତ କରାଯାଇଥିବା ତିନୋଟି[17] ଗ୍ରାମ ପଞ୍ଚାୟତରେ, ଅଡିଟ୍ ଲକ୍ଷ୍ୟ କଲା ଯେ ପାଞ୍ଚଟି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ

[15] କାଶୀପୁର ପଞ୍ଚାୟତ ସମିତିର ଟିକ୍ରି ଗ୍ରାମପଞ୍ଚାୟତ; ଭେଟିଆପଡ଼ା ଏବଂ ବିଷମକଟକ ପଞ୍ଚାୟତ ସମିତିର ଦୁର୍ଗୀ ଗ୍ରାମ ପଞ୍ଚାୟତ: ଏବଂ ଚମ୍ପୁଆ ପଞ୍ଚାୟତ ସମିତିର ଭୂଇଁପୁର ଗ୍ରାମ ପଞ୍ଚାୟତ

[16] କାଶୀପୁର ପିଏସ୍:ତଳଝରୀ, ପୋପାଡି ଏବଂ ଟିକ୍ରି ଜିପିଗୁଡ଼ିକ; ମୁନିଗୁଡ଼ା ପିଏସ୍; କୁମୁଦାବାଲି ଏବଂ ଶିବପଦର ଜିପିଗୁଡ଼ିକ; ସିମୁଳିଆ ପିଏସ୍:କଞ୍ଚପଡ଼ା ଜିପି; ଚମ୍ପୁଆ ପିଏସ୍: ବଦାନି, ଭୂଇଁପୁର ଏବଂ ରଜିଆ ଜିପିଗୁଡ଼ିକ; କୋଇରା ପିଏସ୍: ଗୋପନା, କେ. ବଳଙ୍ଗା ଏବଂ ପାଟମୁଣ୍ଡା ଜିପିଗୁଡ଼ିକ; ହେମଗିରି ପିଏସ୍: ଅଙ୍କେଲବିରା, କୁଚେଦେଗା ଏବଂ ସୁମୁରା ଜିପିଗୁଡ଼ିକ; ରାଜଗାଙ୍ଗପୁର ପିଏସ୍: ବୁଟୁକୁପଡ଼ା ଏବଂ ପାନପୋଷ ଜିପି; ବସ୍ତା ପିଏସ୍; ଗଡ଼ପଡ଼ା ଜିପି; ଜଳେଶ୍ୱର ପିଏସ୍: ଖୁଆଡ, କେଏମ୍ ସାହି ଏବଂ ଶିଖରପୁର ଜିପି; ସୁକିନ୍ଦା ପିଏସ୍: ଦୁଧୁଜୋରୀ ଜିପି; ଦାନଗଦି ପିଏସ୍: ରାଚିପୁର ଜିପି; ଏବଂ ବିଷମକଟକ ପିଏସ୍: ଚଞ୍ଚଡ଼ଗୁଡ଼ା ଜିପି

(2017-22) ରେ 35.85 ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଥିଲା । ପ୍ରତ୍ୟେକ ମାମଲାରେ ଆନୁମାନିକ ମୂଲ୍ୟ 5.00 ଲକ୍ଷ ଟଙ୍କାରୁ ଅଧିକ, ତେବେ ଏହି ସବୁ କ୍ଷେତ୍ରରେ ଖୋଲା ବିଜ୍ଞାପନ ଟେଣ୍ଡରକୁ ଯିବା ପରିବର୍ତ୍ତେ ଜିପି ଗୋଟିଏ ସଂସ୍ଥାଠାରୁ କୋଟେସନ୍ ଆଦାୟ କରିଥିଲେ । କିନ୍ତୁ, କୌଣସି ନୋଟିସ୍ ପ୍ରକାଶ ପାଇନଥିଲା । କାଶୀପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଦୁଇଟି ଜିପି (ପୋଡାପଦି ଓ ଟିକିରି)ରେ 23ଟି ସୋଲାର ଲାଇଟ୍ ଲଗାଇବାକୁ ଜିଏସଟି ପୋର୍ଟାଲରୁ ଯାଞ୍ଚ କରାଯାଇଥିବା ବେଳେ ସୋଲାର ଲାଇଟ୍ କାରବାର କରି ନଥିବା 3ଟି ସଂସ୍ଥାରୁ କୋଟେସନ୍ ସଂଗ୍ରହ କରାଯାଇଥିଲା ।

ଆହୁରି ମଧ କାର୍ଯ୍ୟନିର୍ବାହୀ ଯନ୍ତ୍ରାଂଶ ପାଇଁ କୌଣସି ୱାରେଣ୍ଟି ପ୍ରଦାନ କରିନଥିଲେ କିମ୍ବା କାର୍ଯ୍ୟନିର୍ବାହୀ ଯନ୍ତ୍ରାଂଶ ସହିତ କାର୍ଯ୍ୟନିର୍ବାହୀ ୱାରେଣ୍ଟି ସମୟ ମଧରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ପାଇଁ କୌଣସି ଚୁକ୍ତି ସାକ୍ଷର କରିନଥିଲେ । ତେଣୁ ଆବଶ୍ୟକ ଦକ୍ଷତାର ଅଭାବ ଏବଂ ୱାରେଣ୍ଟି ଦ୍ୱାରା କଭରେଜ ନହେବା କାରଣରୁ ଏହି ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଅଚଳ ହୋଇ ପଡିଥିଲା । ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

**ଫୋଟୋଗ୍ରାଫ୍ ସଂଖ୍ୟା.- 2.11**



*ହେମଗିରି ପିଏସ୍‌ର ସୁମୁରା ଜିପିର ଖମାରପଡ଼ା ଗ୍ରାମରେ ଅଚଳ ସୌର ଲାଇଟ୍*

ସଂପୃକ୍ତ ପିଇଓ ତଥ୍ୟକୁ ନିଶ୍ଚିତ କରି (ଡିସେମ୍ବର 2022) ଦର୍ଶାଇଛନ୍ତି ଯେ ଜିପିରେ ଟେଣ୍ଡର ପ୍ରକ୍ରିୟାକୁ ପରିଚାଳନା କରିବା ପାଇଁ ବୈଷୟିକ କର୍ମଚାରୀ ନଥିବାରୁ କୋଟେସନ୍ କଲ ନୋଟିସ ମାଧମରେ କାର୍ଯ୍ୟନିର୍ବାହୀଙ୍କୁ ଚୟନ କରାଯାଇଥିଲା । ଏହାର ଉତ୍ତର ଆଦୌ ଗ୍ରହଣୀୟ ନୁହେଁ, ଯେହେତୁ ଜିପି କାର୍ଯ୍ୟ ପିଏସ ର ବୈଷୟିକ ସହାୟତାରେ ସମ୍ପାଦନ ହୋଇଥିଲା ଯାହା ପାଖରେ ଆବଶ୍ୟକ ଦକ୍ଷତା ଥିଲା ।

### *2.5.6.3 ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ଅସଫଳ ବ୍ୟୟ*

ସୋଲାର ଲାଇଟ୍ ଗୁଡିକ ସୋଲାର ପ୍ୟାନେଲ ଆସେମ୍ବଲି, ସୋଲାର ବ୍ୟାଟେରୀ ଆସେମ୍ବଲି ଲାଇଟ୍ କଣ୍ଟ୍ରୋଲ, ସୋଲାର ଲାଇଟ୍ ଫିକ୍ଚର, ଫିକ୍ଚର ମାଉଣ୍ଟିଂ ବ୍ରାକେଟ ଇତ୍ୟାଦି ସହିତ ସଜ୍ଜିତ ହୋଇ ସ୍ୱୟଂଚାଳିତ ଏବଂ ତାର ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ଯେକୌଣସି ଫିକ୍ଚର ତ୍ରୁଟି ହେଲେ ସୋଲାର ଆଲୋକର ଅନ୍ତର୍ନିହିତ କାର୍ଯ୍ୟ ବାଧା ହୋଇପାରେ ।

ସୁନ୍ଦରଗଡ ଜିଲ୍ଲାର ନମୁନା ଯାଞ୍ଚ ହୋଇଥିବା ଦୁଇଟି ପଞ୍ଚାୟତ ସମିତି (କୋଇରା ଓ ହେମଗିରି) ଛଅଟି[18] ଗ୍ରାମ ପଞ୍ଚାୟତରେ ଦୁଇଟି ସଂସ୍ଥା ଦ୍ୱାରା 74.75 ଲକ୍ଷ ଟଙ୍କା ବିନିଯୋଗ କରି 2017-20 ମଧରେ 290ଟି ସୋଲାର ଲାଇଟ୍ ପଏଣ୍ଟ ସ୍ଥାପନ କରାଯାଇଥିଲା । 121ଟି ଷ୍ଟ୍ରିଟ୍ ଲାଇଟ୍ ପଏଣ୍ଟର ଜେପିଆଇରୁ ଜଣାପଡ଼ିଥିଲା ଯେ ସମସ୍ତ ଲାଇଟ୍ ପଏଣ୍ଟ ସ୍ଥାପନର ଛଅ ମାସ ପରେ ଅଚଳ ହୋଇଥିଲା । ଜିପି ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏବଂ ୱାରେଣ୍ଟି ଦ୍ୱାରା ସେମାନଙ୍କର କଭରେଜ୍ ନଥିବାରୁ ଅଚଳ ଲାଇଟ୍ ପଏଣ୍ଟଗୁଡିକ କାର୍ଯ୍ୟକ୍ଷମ ହୋଇନଥିଲା । ଫଳରେ 121ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଖର୍ଚ୍ଚ ହୋଇଥିବା 40 .90 ଲକ୍ଷ ଟଙ୍କା ଅସଫଳ ହୋଇପଡିଥିଲା ।

[17] ପୋଦାପୋଡ଼ି ଟିକ୍ରି ଜିପି, କାଶୀପୁର ପିଏସ୍ ଏବଂ ଚମ୍ପୁଆ ପିଏସ୍‌ର ବଦାନାଇ ଓ ଭୂଇଁପୁର ଜିପି

[18] ଗୋପନା, କେ. ବଲଙ୍ଗା ଏବଂ କୋଇରା ବ୍ଲକର ପାଟମୁଣ୍ଡା ଓ ହେମଗିରି ବ୍ଲକର ଆଙ୍କେଲବିରା, କୁଚେଦେଗା ଏବଂ ସୁମୁରା ଜିପି

*ଫଟୋଗ୍ରାଫ ସଂଖ୍ୟା - 2.12&2.13*





**ହେମଗିରି ବ୍ଲକର ସୁମୁରା ଜିପିର ତିହୁରିଆଠାରେ ଏବଂ କୁଚଦେଗା ଗ୍ରାମ ପଞ୍ଚାୟତର ଦଳବାଲିରେ ଅକାମୀ ସୋଲାର ଲାଇଟ୍**

ଏସବୁ ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ (ଡିସେମ୍ବର 2022) ଉଲ୍ଲେଖ କରିଥିଲେ ଯେ କାର୍ଯ୍ୟକ୍ଷମ ନ ଥିବା ଲାଇଟ୍ ପଏଣ୍ଟଗୁଡିକର ମରାମତି ପାଇଁ ପଦକ୍ଷେପ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପ୍ରକଳ୍ପଗୁଡିକର ଦୁଇ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ମରାମତି କରାଯାଇ ନାହିଁ । .

### *2.5.6.4 ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣର ଫଳାଫଳ*

355 ଟି ଲାଇଟ୍ ପଏଣ୍ଟ (ଉଭୟ ବିଦ୍ୟୁତ୍ ଓ ସୌର)ର ମିଳିତ ଭୌତିକ ନିରୀକ୍ଷଣ, ସମ୍ପୃକ୍ତ ପିଇଓଙ୍କ ସହ କରାଯାଇଥିଲା । ପ୍ରକଳ୍ପର ସ୍ଥିତି ଏବଂ କାର୍ଯ୍ୟକାରିତା ନିମ୍ନରେ ଉଲ୍ଲେଖ କରାଯାଇଛି:

- 191 ଟି ଲାଇଟ୍ ପଏଣ୍ଟ (54 ପ୍ରତିଶତ) କାର୍ଯ୍ୟକ୍ଷମ ଥିଲା ।
- 124 ଟି ଲାଇଟ୍ ପଏଣ୍ଟ (35 ପ୍ରତିଶତ) ଅଚଳ ଥିଲା ।
- 40 ଟି ଲାଇଟ୍ ପଏଣ୍ଟ (11 ପ୍ରତିଶତ) ମିଳୁ ନଥିଲା ।

ଏହିସବୁ ତଥ୍ୟକୁ ସତ୍ୟ ବୋଲି ପ୍ରମାଣିତ କରି ପିଇଓମାନେ ଅଚଳ ଲାଇଟ୍ ପଏଣ୍ଟଗୁଡ଼ିକର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ତର ଗ୍ରହଣୀୟ ହୋଇନଥିଲା, କାରଣ ହିତାଧିକାରୀମାନେ ଏହି ଲାଇଟ୍ ପଏଣ୍ଟ ଗୁଡ଼ିକ କାର୍ଯ୍ୟକ୍ଷମ ନହେବା କାରଣରୁ ଉଦ୍ଦିଷ୍ଟ ସେବା ପାଇବାରୁ ବଞ୍ଚିତ ହୋଇଥିଲେ ।

### *2.5.6.5 ସମ୍ପୂର୍ଣ୍ଣ ଦେୟ ପ୍ରଦାନ ସତ୍ତ୍ୱେ ସୌର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନହେବା*

2019-20 ଆର୍ଥିକ ବର୍ଷରେ 14 ତମ ସିଏଫ୍‌ସି ଅନୁଦାନ ମଧ୍ୟରୁ କାଶୀପୁର ପଞ୍ଚାୟତ ସମିତି ତାଳଝରୀ ଜିପିରେ ଦୁଇଟି ସୌର ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ[19] ପାଇଁ (ନଭେମ୍ବର 2019) ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ଅନୁମୋଦନ ବିନା ଏକ ସଂସ୍ଥାକୁ[20] ଏକକ କୋଟେସନ୍ ଆଧାରରେ ଚୟନ କରାଯାଇଥିଲା ଏବଂ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ (ଡିସେମ୍ବର 2019) 4.39 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

ଅଡିଟ୍ ଦ୍ୱାରା ଉପରୋକ୍ତ ପ୍ରକଳ୍ପଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣ (ଅକ୍ଟୋବର 2022) କରାଯାଇଥିଲା । ପିଇଓ, ତାଳଝରୀ ଜିପିଙ୍କ ଉପସ୍ଥିତିରେ ଏହି ଟିମ୍ ସଂପୃକ୍ତ ଗ୍ରାମରେ କୌଣସି ସୋଲାର ଲାଇଟ୍ ଲଗାଇଥିବାର ଦେଖିପାରି ନଥିଲେ । ଉପରୋକ୍ତ ପ୍ରକଳ୍ପ ଗୁଡ଼ିକ ସ୍ଥାପନ ସମୟରେ ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ପୂର୍ବତନ ପିଇଓ କହିଥିଲେ ଯେ ଏଜେନ୍ସିକୁ ସମ୍ପୂର୍ଣ୍ଣ ମୂଲ୍ୟ (ଡିସେମ୍ବର 2019) ପ୍ରଦାନ ସତ୍ତ୍ୱେ କୌଣସି ସୌର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇ ନଥିଲା । ପ୍ରକୃତ ସ୍ଥାପନ ବିନା ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କରିବାର କାରଣ ରେକର୍ଡରେ ଉପଲବ୍ଧ ହୋଇନଥିଲା ।

ଏହା ସୂଚାଇ ଦେଇଛି ଯେ କାର୍ଯ୍ୟର ପ୍ରକୃତ କାର୍ଯ୍ୟକାରିତା ବିନା ଖର୍ଚ୍ଚର ଅନଧିକୃତ ବୁକିଂ ଏବଂ ଦେୟ ପ୍ରଦାନ

---

[19] ଟେନ୍ତୁଳିପଡ଼ା ଏବଂ ମହାଜଳ ଗ୍ରାମରେ ସୌର ଲାଇଟ୍ ପ୍ରକଳ୍ପ ସ୍ଥାପନ

[20] ଶ୍ରୀ ବିନାୟକ ଏଣ୍ଟରପ୍ରାଇଜେସ୍, ରାୟଗଡ଼ା

କରାଯାଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି କାଶୀପୁର ବିଡିଓ (ଅକ୍ଟୋବର 2022) କହିଲେ ଯେ, ଏହି ତଥ୍ୟର ତଦନ୍ତ କରାଯିବ ଏବଂ ଅଡିଟ୍‌କୁ ପ୍ରକୃତ ସ୍ଥିତି ଜଣାଇ ଦିଆଯିବ ।

***ସୁପାରିଶ :***

***4. ଅଯଥା ଖର୍ଚ୍ଚ ବହନ କରିବା, ଅବାସ୍ତବ ଆକଳନ ପ୍ରସ୍ତୁତ ହେତୁ କାର୍ଯ୍ୟ ସମାପ୍ତ ନହେବା ଏବଂ ଏକ ଅଣ-କାର୍ଯ୍ୟକ୍ଷମ ସମ୍ପତ୍ତି ଉପରେ ଅପଚୟ ବ୍ୟୟ ଘଟାଇବା ପାଇଁ ଦାୟୀ ଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ।***

***5. ନିମ୍ନୋକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ -***

***i) ଯେଉଁମାନେ ନକଲି ଭାଉଚର ଦ୍ୱାରା ପରିବହନ ଦେୟରେ ସଂପୃକ୍ତ,***

***ii) ଦେୟ ପ୍ରଦାନ ସତ୍ତ୍ୱେ ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ ନ କରିବା, ଷ୍ଟ୍ରିଟ୍ ଲାଇଟ୍ ପଏଣ୍ଟ ନଥିବା, ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନ କରିବାରେ ସଂପୃକ୍ତ ।***

## 2.6 ତଦାରଖ ଓ ପର୍ଯ୍ୟବେକ୍ଷଣ

### *2.6.1 ସାମାଜିକ ସମୀକ୍ଷା ନକରିବା*

ଚତୁର୍ଦ୍ଦଶ ଆର୍ଥିକ ଆୟୋଗ ଏବଂ ପଞ୍ଚଦଶ ଆର୍ଥିକ ଆୟୋଗର ନିର୍ଦ୍ଦେଶାବଳୀ ତୃଣମୂଳ ସ୍ତରରେ ସାମାଜିକ ସମୀକ୍ଷାକୁ ଗ୍ରହଣ କରିବା । କାର୍ଯ୍ୟ ସମ୍ପାଦନରେ ଆର୍ଥିକ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ସରକାରୀ ଖର୍ଚ୍ଚରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରିଥିଲା ।

ଆର୍ଥିକ ବର୍ଷ 2017-22 ଅଡିଟ୍‌ରୁ ଦର୍ଶାଯାଇଥିଲା ଯେ, ଆର୍ଥିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ଏଫ୍‌ସି ଅନୁଦାନ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସୁନିଶ୍ଚିତ ପାଇଁ କୌଣସି ସାମାଜିକ ସମୀକ୍ଷା କରାଯାଇନଥିଲା । ସାମାଜିକ ସମୀକ୍ଷା ଅଭାବରୁ ଆର୍ଥିକ ସ୍ୱଚ୍ଛତା ସୁନିଶ୍ଚିତ ହୋଇପାରି ନଥିଲା ଏବଂ ଅଡିଟ୍ ବିଭିନ୍ନ ଅନିୟମିତତାକୁ ଲକ୍ଷ୍ୟ କରିଥିଲା ଯାହା ପୂର୍ବ ଅନୁଚ୍ଛେଦରେ ଆଲୋଚନା କରାଯାଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ, କହିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ସାମାଜିକ ସମୀକ୍ଷା କରାଯିବ । ସାମାଜିକ ସମୀକ୍ଷା ଅଭାବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କର ଅଂଶ ଗ୍ରହଣ ସୁନିଶ୍ଚିତ ହୋଇପାରୁ ନ ଥିବାରୁ, ଏହି ଉତ୍ତର ଗ୍ରହଣୀୟ ନଥିଲା ।

### *2.6.2 ପ୍ରକଳ୍ପର ପର୍ଯ୍ୟାପ୍ତ ତଦାରଖ ଓ ଭୌତିକ ଯାଞ୍ଚ ନ କରିବା*

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶ ଅନୁସାରେ (ଅଗଷ୍ଟ 2015) ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମାସିକ ସମୀକ୍ଷା, ଜିପି ସ୍ତରରେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯିବାର ଥିଲା । ମାସର ପ୍ରଥମ ସପ୍ତାହରେ ଏବଂ ସେ ସଂପର୍କରେ ଏକ ରିପୋର୍ଟ ସଂପୃକ୍ତ ସିଡିଓ-କମ୍- ଇଓମାନଙ୍କୁ ପ୍ରଦାନ କରାଯିବାର ଥିଲା । ଏହାର ଏକ ନକଲ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଯିବାର ଥିଲା ।

ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ହୋଇଥିବା ସମୀକ୍ଷା ବୈଠକର ସମର୍ଥନରେ କୌଣସି ରେକର୍ଡ ପ୍ରମାଣ ନାହିଁ । ଯାହା ଜିପି ଏବଂ ପିଏସ୍ ଗୁଡ଼ିକ ପରୀକ୍ଷା ଦ୍ୱାରା ସମୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିଲା । ଅଧିକନ୍ତୁ, ଆଲୋଚନା ସମୟରେ ଆଲୋଚନା ବିଷୟ ଏବଂ ତ୍ରୁଟି ଗୁଡ଼ିକ ରେକର୍ଡ କରିବା ପାଇଁ କୌଣସି ରେଜିଷ୍ଟରର ରକ୍ଷଣାବେକ୍ଷଣ କରାଯାଇ ନଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପିଇଓ (ଡିସେମ୍ବର 2022) ନିଶ୍ଚିତ କରିଥିଲେ ଯେ ଭବିଷ୍ୟତରେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯିବ । ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ ନିୟମିତ ତଦାରଖ ଅଭାବରୁ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ହୋଇଥିଲା ।

***ସୁପାରିଶ :***

***6. କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଆଣିବା ଲାଗି ସାମାଜିକ ସମୀକ୍ଷା ସୁନିଶ୍ଚିତ କରିବା ଦ୍ୱାରା (ମନିଟରିଂ) ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ ।***